بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସାପ୍ତାହିକ

# ବଦର୍

Weekly **BADAR** Qadian

କାଦିଆନ

Odia

ସଂଖ୍ୟା: 25

ବାର୍ଷିକ ଦେୟ: 600/-

**ସମ୍ପାଦକ:**

କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ୍

02 ମୁହରରମ୍ , 1447 ହି.କ, 18 ଇହସାନ୍ 1405 ହି.ଶ, 18 June 2026

ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

### ପବିତ୍ର କୁରଆନ କରୀମ୍ ଶାନ୍ତି ମାର୍ଗ ଆଡ଼କୁ ମାର୍ଗଦର୍ଶନ କରିଥାଏ

يٰۤاَهۡلَ الۡكِتٰبِ قَدۡ جَآءَكُمۡ رَسُوۡلُنَا يُبَيِّنُ لَكُمۡ كَثِيۡرًا مِّمَّا كُنۡتُمۡ تُخۡفُوۡنَ مِنَ الۡكِتٰبِ وَ يَعۡفُوۡا عَنۡ كَثِيۡرٍ قَدۡ جَآءَكُمۡ مِّنَ اللّٰهِ نُوۡرٌ وَّ كِتٰبٌ مُّبِيۡنٌ ﴿۱۶﴾ يَّهۡدِىۡ بِهِ اللّٰهُ مَنِ اتَّبَعَ رِضۡوَانَهٗ سُبُلَ السَّلٰمِ وَيُخۡرِجُهُمۡ مِّنَ الظُّلُمٰتِ اِلَى النُّوۡرِ بِاِذۡنِهٖ وَيَهۡدِيۡهِمۡ اِلٰى صِرَاطٍ مُّسۡتَقِيۡمٍ

(ଅଲ୍ ମାଏଦା : 16-17)

**ଅନୁବାଦ:** ହେ ଗ୍ରନ୍ଥଧାରୀମାନେ ! ଆମ୍ଭର ରସୁଲ ତୁମମାନଙ୍କ ନିକଟକୁ ଆସିଛନ୍ତି; ତୁମେମାନେ ଧର୍ମଗ୍ରନ୍ଥ ମଧ୍ୟରୁ ଯାହା ଗୋପନ କରିଥିଲ ତହିଁରୁ ଅନେକ ଅଂଶ ସେ ତୁମମାନଙ୍କ ନିକଟରେ ବର୍ଣ୍ଣନା କରୁଛନ୍ତି ଏବଂ ଅନେକ ଦୋଷ କ୍ଷମା କରୁଛନ୍ତି । ବସ୍ତୁତଃ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ଲାଗି ଏକ ଜ୍ୟୋତି ଏବଂ ଉଜ୍ଜ୍ୱଳ ଗ୍ରନ୍ଥ ଆସିଛି । ଯେଉଁମାନେ ଅଲ୍ଲାଃଙ୍କ ପ୍ରସନ୍ନତା ଭାଜନ କରିବା ପାଇଁ ଚେଷ୍ଟା କରନ୍ତି, ସେ ଏହା ଦ୍ୱାରା ସେମାନଙ୍କୁ ଶାନ୍ତି ପଥରେ ପରିଚାଳିତ କରାନ୍ତି ଏବଂ ସେମାନଙ୍କୁ ନିଜ ଆଶୀର୍ବାଦ ବଳରେ ଅନ୍ଧାକାର ମଧ୍ୟରୁ ଜ୍ୟୋତି ଆଡ଼କୁ ଘେନି ଯାଆନ୍ତି ଏବଂ ସେମାନଙ୍କୁ ସରଳ ପଥ ଆଡ଼କୁ ପରିଚାଳିତ କରାନ୍ତି ।

### ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ଆଁହଜରତ୍ ସ.ଅଙ୍କ ବାଣୀ

## ହଦିସେ ନବୱୀ ଅନୁଯାୟୀ ନ୍ୟାୟ ବିଚାର

عَنۡ اَبِیۡ نَضۡرَۃَ حَدَّثَنِیۡ مَنۡ سَمِعَ خُطۡبَۃَ رَسُوۡلِ اللّٰہِ صَلَّی اللّٰہُ عَلَیۡہِ وَسَلَّمَ فِیۡ وَسۡطِ اَیَّامِ التَّشۡرِیۡقِ فَقَالَ یَاۤ اَیُّہَا النَّاسُ اَلَا اِنَّ رَبَّکُمۡ وَاحِدٌ وَاِنَّ اَبَاکُمۡ وَاحِدٌ، اَلَا لَا فَضۡلَ لِعَرَبِیٍّ عَلٰی عَجَمِیٍّ وَلَا لِعَجَمِیٍّ عَلٰی عَرَبِیٍّ وَلَا لِاَحۡمَرَ عَلٰی اَسۡوَدَ وَلَا لِاَسۡوَدَ عَلٰی اَحۡمَرَ اِلَّا بِالتَّقۡوٰی اَبَلَّغۡتُ؟ قَالُوۡا بَلَّغَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ۔ ثُمَّ قَالَ: اَیُّ یَوۡمٍ ھٰذَا؟ قَالُوۡا: یَوۡمٌ حَرَامٌ، قَالَ: اَیُّ شَہۡرٍ ھٰذَا؟ قَالُوۡا: شَہۡرٌ حَرَامٌ، قَالَ: ثُمَّ اَیُّ بَلَدٍ ھٰذَا؟ قَالُوۡا: بَلَدٌ حَرَامٌ، قَالَ: فَاِنَّ اللّٰہَ قَدۡ حَرَّمَ بَیۡنَکُمۡ دِمَآءَکُمۡ وَاَمۡوَالَکُمۡ، قَالَ: وَلَا اَدۡرِیۡ قَالَ اَوۡ بَلَدَکُمۡ ھٰذَا۔ اَبَلَّغۡتُ؟ قَالُوۡا: بَلَّغَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ قَالَ: لِیُبَلِّغِ الشَّاہِدُ الۡغَائِبَ۔

**(ମସନଦ୍ ଅହମଦ୍, ଗ୍ରନ୍ଥଖଣ୍ଡ-5, ପୃ-411, ମସନଦ୍ ଅହମଦ, ଗ୍ରନ୍ଥଖଣ୍ଡ-1, ପୃ-230, ଅନ୍ ଇବନି (ଅବବାସି[ର.ଅ])**

ଅବୁ ନଜ୍ରାହ ର.ଅ ବର୍ଣ୍ଣନା କରନ୍ତି: "ଯେଉଁ ବ୍ୟକ୍ତି ହଜ୍ଜତୁଲ୍ ୱିଦା ଅବସରରେ ଆଁହଜରତ୍ ସ.ଅଙ୍କ ଖୁତବା ଶୁଣିଥିଲା ସେହି ବ୍ୟକ୍ତି ମୋତେ କହିଲା, ଆଁହଜରତ୍ ସ.ଅ ମିନା ଠାରେ ଖୁତ୍‌ବା ଦେଇଥିଲେ । ଆପଣ ସ.ଅ ନିଜର ଖୁତ୍‌ବାରେ କହିଲେ, ହେ ଲୋକମାନେ ! ତୁମମାନଙ୍କର ଈଶ୍ୱର ଏକ ଅଟନ୍ତି, ତୁମମାନଙ୍କର ପିତା ଏକ ଅଟେ। ମନେରଖ ! କୌଣସି ଆରବ୍ୟ ବ୍ୟକ୍ତି ଅଣ ଆରବ୍ୟ ବ୍ୟକ୍ତି ଠାରୁ, କୌଣସି ଅଣ ଆରବ୍ୟ ବ୍ୟକ୍ତି ଆରବ୍ୟ ବ୍ୟକ୍ତି ଠାରୁ, କୌଣସି ଲୋହିତ ବର୍ଣ୍ଣ ବ୍ୟକ୍ତିକୁ ଧବଳ ବର୍ଣ୍ଣ ବ୍ୟକ୍ତି ଠାରୁ କୌଣସି ଧବଳ ବର୍ଣ୍ଣ ବ୍ୟକ୍ତି ଅଣ ଧବଳ ବର୍ଣ୍ଣ ବ୍ୟକ୍ତି ଠାରୁ, କୌଣସି କୃଷ୍ଣ ବର୍ଣ୍ଣର ବ୍ୟକ୍ତି ଅଣ କୃଷ୍ଣ ବର୍ଣ୍ଣ ବ୍ୟକ୍ତି ଠାରୁଓ ଅଣ କୃଷ୍ଣ ବର୍ଣ୍ଣର ବ୍ୟକ୍ତି କୃଷ୍ଣ ବର୍ଣ୍ଣ ବ୍ୟକ୍ତି ଠାରୁ, କୌଣସି କୃଷ୍ଣ ବର୍ଣ୍ଣର ବ୍ୟକ୍ତି ଲୋହିତ ବର୍ଣ୍ଣ ବ୍ୟକ୍ତି ଠାରୁ ଓ ଲୋହିତ ବର୍ଣ୍ଣର ବ୍ୟକ୍ତିକୁ କୃଷ୍ଣ ବର୍ଣ୍ଣ ବ୍ୟକ୍ତି ଠାରୁ ଶ୍ରେଷ୍ଠ ନୁହନ୍ତି । କିନ୍ତୁ ହିଁ ଧର୍ମପରାୟଣତା ଦୃଷ୍ଟିରୁ ସାମର୍ଥ୍ୟତା ଓ ପ୍ରାଧାନ୍ୟତା ତଥା ଶ୍ରେଷ୍ଠତା ପ୍ରଦାନ କରାଯାଇଛି । ହେ ମୁସଲମାନମାନେ! କ'ଣ ମୁଁ ଏହି ପ୍ରମୁଖ ବାର୍ତ୍ତା ପହଞ୍ଚାଇ ଦେଇ ନାହିଁ ? ଲୋକମାନେ ଉଚ୍ଚ ସ୍ୱରରେ କହିଲେ, ହଁ ହେ ଅଲ୍ଲାଃଙ୍କ ବାର୍ତ୍ତବହ !ଆପଣ ସ.ଅ ଏହି ସତ୍ୟବାର୍ତ୍ତା ଭଲ ଭାବରେ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛନ୍ତି । ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁସଲମାନମାନେ ! ଆଜି କେଉଁ ଦିନ ଅଟେ ? ମୁସଲମାମମାନେ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜି ହେଉଛି ହଜ୍‌ର ଦିନ । ଏହି ଦିନଟି ଅତ୍ୟନ୍ତ ପବିତ୍ର ଦିନ ଅଟେ । ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁସଲମାନମାନେ! ଏଇଟା କେଉଁ ମାସ ଅଟେ ? ଏଇଟା ଜୁଲ୍ ହଜ୍ଜାର ପବିତ୍ର ମାସ ଅଟେ । ପୁନଶ୍ଚ ଆଁହଜରତ୍ ସ.ଅ ମୁସଲମାନମାନଙ୍କୁ ପଚାରିଲେ ଯେ, ହେ ମୁସଲମାନମାନେ ! ଏଇଟା କେଉଁ ସହର ଅଟେ ? ମୁସଲମାମମାନେ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଇଟା ପାବନ ଭୂମି ମକ୍କା ଅଟେ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ମୁସଲମାନମାନେ ! ଯେପରି ତୁମମାନଙ୍କର ଧନ, ଜୀବନ (ବର୍ଣ୍ଣନାକାରୀଙ୍କୁ ମନେ ନାହିଁ ଯେ, ଆପଣ ସ.ଅ ସମ୍ମାନର ଚର୍ଚ୍ଚା କଲେ ଅବା ନୁହେଁ) ଅନ୍ୟ ସକାଶେ ନିଷିଦ୍ଧ କରି ଦିଆଯାଇଛି, ଠିକ୍ ସେହିପରି ତୁମମାନଙ୍କର ସମ୍ମାନ ମଧ୍ୟ ଅନ୍ୟ ସକାଶେ ନିଷିଦ୍ଧ କରି ଦିଆଯାଇଛି। (ଆଁହଜରତ୍ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯେପରି ଇସ୍‌ଲାମ୍ ଧର୍ମରେ ବର୍ଷ, ଦିନ, ମାସ ଓ ସହର ପବିତ୍ର ଅଟେ ଠିକ୍ ସେହିପରି ଲୋକମାନଙ୍କର ଧନ, ଜୀବନ ଓ ସେମାନଙ୍କର ମାନ ସମ୍ମାନ ମଧ୍ୟ ଅନ୍ୟ ବ୍ୟକ୍ତି ସକାଶେ ଅବୈଧ ଓ ନିଷିଦ୍ଧ ଅଟେ) ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁସଲମାନମାନେ ! କ'ଣ ମୁଁ ତୁମମାନଙ୍କ ପର୍ଯ୍ୟନ୍ତ ଈଶ୍ୱରଙ୍କ ସନ୍ଦେଶ ପହଞ୍ଚାଇ ଦେଇ ନାହିଁ ? ଲୋକମାନେ କହିଲେ, ଅବଶ୍ୟ। ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସବୁକିଛି ବାର୍ତ୍ତା ଆମମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛନ୍ତି। ଆପଣ ସ.ଅ କହିଲେ, ଯେଉଁମାନେ ମୋର ଏହି ସନ୍ଦେଶ ବା ବାର୍ତ୍ତାକୁ ଶୁଣିଛନ୍ତି ସେମାନେ ନଶୁଣିଥିବା ଏବଂ ଏଠାରେ ଉପସ୍ଥିତ ନଥିବା ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ମୋର ଏହି ବାର୍ତ୍ତାକୁ ପହଞ୍ଚାଇ ଦିଅନ୍ତୁ ।" ☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ଅଲ୍ଲାଃତାଲାଙ୍କ ନିକଟରେ ଜାତିର କୌଣସି ମୂଲ୍ୟ ନାହିଁ କି ଅଲ୍ଲାଃତାଲା ଜାତି ଉପରେ ମଧ୍ୟ ଦୃଷ୍ଟିପାତ କରନ୍ତି ନାହିଁ ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ସର୍ବାଧିକ ଧର୍ମପରାୟଣ ଅଟେ ସେହି ବ୍ୟକ୍ତି ହିଁ ଅଲ୍ଲାଃତାଲାଙ୍କ ନିକଟରେ ସବୁଠୁ ସମ୍ମାନସ୍ପଦ ଅଟେ । ଏକଥା ସଂପୂର୍ଣ୍ଣ ରୂପ ମିଛ ଯେ, ମୁଁ ସୟେଦ୍ ବଂଶୀୟ ଅଟେ, ମୁଁ ମୋଗଲ୍ ବଂଶୀୟ ଅଟେ ଓ ମୁଁ ପଠାଣ ଅଟେ । ଯଦି କୌଣସି ବ୍ୟକ୍ତି (ନିଜ) ଜାତି ଉପରେ ଗର୍ବ ପ୍ରକାଶ କରେ ତେବେ ଏହି ଗର୍ବ ଭାବ ନିରର୍ଥକ ଅଟେ । ମୃତ୍ୟୁ ପରେ ସବୁ ଜାତି ପ୍ରଥା ପ୍ରସଙ୍ଗ ସମାପ୍ତ ହୋଇ ଯାଇଥାଏ । ଅଲ୍ଲାଃତାଲାଙ୍କ ନିକଟରେ ଜାତିର କୌଣସି ମୂଲ୍ୟ ନାହିଁ କି ଅଲ୍ଲାଃତାଲା ଜାତି ଉପରେ ଦୃଷ୍ଟିପାତ ମଧ୍ୟ କରନ୍ତି ନାହିଁ । କୌଣସି ବ୍ୟକ୍ତି ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ହେବା ଯୋଗୁଁ ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ । ରସୁଲ୍ କରୀମ୍ ସ.ଅ ହ. ଫାତିମା ର.ଅଙ୍କୁ କହିଲେ, ହେ ଫାତିମା ! ତୁମେ ଏକଥା ଯୋଗୁଁ ଗର୍ବିତ ହୁଏ ନାହିଁ ଯେ, ତୁମେ ଅବତାରଙ୍କ କନ୍ୟା ଅଟ । ଅଲ୍ଲାଃତାଲାଙ୍କ ନିକଟରେ ଜାତିର କୌଣସି ମୂଲ୍ୟ ହିଁ ନାହିଁ । ତାହାଙ୍କ ନିକଟରେ ଯେଉଁ ମର୍ଯ୍ୟାଦା ତଥା ସ୍ତର ପ୍ରାପ୍ତ **(ଅବଶିଷ୍ଟାଂଶ.......ପୃ-12ରେ)**

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ତୁମେମାନେ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀର ଦର୍ପଣ ହୁଅ ଏବଂ ତାହାଙ୍କ ଦୟା ଏବଂ କରୁଣାମୂଳକ ଛତ୍ରଛାୟା ତଳେ ରହି ନିଜର ଜୀବନକୁ ଅତିବାହିତ କର ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍ ଅହମଦିୟାର ସଂସ୍ଥାପକ ହ. ମସିହ୍ ମଉଦ୍ ଅ.ସଙ୍କ ଧାର୍ମିକ ସହିଷ୍ଣୁତା ଭାବର ଚର୍ଚ୍ଚା କରି କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ଧାର୍ମିକ ସହିଷ୍ଣୁତା ଭାବ ଉପରେ ଅଧିକ ଗୁରୁତ୍ୱାରୋପ କରୁଥିଲେ ଏବଂ ସ୍ୱୟଂ ମଧ୍ୟ ସର୍ବୋଚ୍ଚ ଉଦାହରଣ ପ୍ରଦର୍ଶନ କରୁଥିଲେ । ୟମନ୍‌ର ଏକ ଖ୍ରୀଷ୍ଟ ସଂପ୍ରଦାୟ ଆପଣ ଅ.ସଙ୍କ ସହିତ ଧାର୍ମିକ ମତଧାରା ବିନିମୟ କରିବା ନିମନ୍ତେ ଆସିଲା । ସେହି ସଂପ୍ରଦାୟ ମଧ୍ୟରେ ସେମାନଙ୍କର ବରିଷ୍ଠ ପାଦ୍ରୀମାନେ ମଧ୍ୟ ରହିଥିଲେ । ମସ୍‌ଜିଦରେ ବସି ଉଭୟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ବାର୍ତ୍ତାଳାପ ଆରମ୍ଭ ହେଲା ଏବଂ ବାର୍ତ୍ତାଳାପ ଦୀର୍ଘ ହୋଇଗଲା । ଏହା ଦେଖି ଖ୍ରୀଷ୍ଟ ଯାତ୍ରୀ ସମୂହର ପାଦ୍ରୀ ଜଣକ କହିଲା, ହେ ମୁହମ୍ମଦ ସ.ଅ ! ବର୍ତ୍ତମାନ ଆମମାନଙ୍କ ନମାଜ୍ ସମୟ ହୋଇଯାଇଛି। ଆମେମାନେ ବାହାରେ ଯାଇ ନିଜର ନମାଜ୍ ପାଠ କରି ଆସିବୁ । **(ଅବଶିଷ୍ଟାଂଶ....ପୃ-12ରେ)**

**ହୁଜୁର୍ ଅନୱର୍ ଅ.ବଙ୍କ ଶାନ୍ତି, ନ୍ୟାୟ ବିଚାର ଓ ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନର ନିୟମିତ ସନ୍ଦେଶ ସମଗ୍ର ବିଶ୍ୱରେ ପ୍ରଭାବଶାଳୀ ହେଉଛି**

**GREG STAFFORD MP**

**ଜମାଅତ୍ ଅହମଦିୟା ବ୍ରିଟେନ୍ ଠାରେ 2026 ମସିହା ମେ ମାସ 16ତାରିଖ ଦିନ ଆୟୋଜିତ ହୋଇଥିବା 19ତମ ପିସ୍ ସିମ୍ପୋଜିୟମ୍ (ଶାନ୍ତି ସମ୍ମିଳନୀ) ଅବସରରେ ସେୟେଦିନା ହୁଜୁର୍ ଅନୱର୍ ଅ.ବଙ୍କ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉଦ୍‌ବୋଧନର ଅବଶିଷ୍ଟାଂଶ**




**ଜମାଅତ୍ ଅହମଦିୟାରେ ପିସ୍ ସିମ୍ପୋଜିୟମ୍ (ଶାନ୍ତି ସମ୍ମିଳନୀ) ଯାହା 2026 ମସିହା ମେ ମାସ 16 ତାରିଖ ଦିନ ବୈତୁଲ ଫୁତୁହ ମସ୍ଜିଦ ଠାରେ ଆୟୋଜିତ ହୋଇଥିଲା। ତହିଁରେ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ସାକ୍ଷାତ୍ ଅଂଶ ଗ୍ରହଣ କରିଥିଲେ ଏବଂ ଆପଣ ଅ.ବ ଶ୍ରୋତାମଣ୍ଡଳୀଙ୍କୁ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉଦ୍‌ବୋଧନ ଦେଇଥିଲେ । ପୁଣ୍ୟଶ୍ଳୋକ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଖୁଲାସା ବିଗତ ସଂଖ୍ୟା 24ରେ ଉପସ୍ଥାପିତ କରାଯାଇ ସାରିଛି । ଏହି ସଂଖ୍ୟାରେ ପିସ୍ ସିମ୍ପୋଜିୟମର ଅବଶିଷ୍ଟାଂଶ ରିପୋର୍ଟ ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍‌ରେ 2026 ମସିହା ମେ ମାସ 24 ତାରିଖ ଦିନ କୃତଜ୍ଞତାର ସହିତ ଉପସ୍ଥାପିତ କରାଯାଉଅଛି । ଉପୋରକ୍ତରେ ଦୃଶ୍ୟମାନ ହେଉଥିବା ଚିତ୍ରରେ ହୁଜୁର ଅନ୍‌ୱର୍ ଅ.ବ Gregoire Ahongbononଙ୍କୁ ଅହମଦିୟା ଶାନ୍ତି ପୁରସ୍କାର ଦ୍ୱାରା ସମ୍ମାନିତ କରିଛନ୍ତି ।**

2025 ମସିହା ପାଇଁ ଆଫ୍ରିକା ମହାଦେଶର ବେନିନ୍ ଦେଶର Gregoire Ahongbonon ଅହମଦିୟା ଶାନ୍ତି ପୁରସ୍କାରର ଅଧିକାରୀ ବିବେଚିତ ହୋଇଛନ୍ତି। ତାଙ୍କୁ ଏହି ପୁରସ୍କାର ପଶ୍ଚିମ ଆଫ୍ରିକାରେ ମାନସିକ ରୋଗରେ ପୀଡ଼ିତ ଥିବା ଲୋକମାନଙ୍କ ଦେଖାଶୁଣା ବ୍ୟବସ୍ଥାରେ ବିପ୍ଳବ ଆଣିଥିବା ନିମନ୍ତେ ହୋଇଥିବା ଉଦ୍ୟମର ସ୍ୱୀକାରୋକ୍ତିରେ ପ୍ରଦାନ କରାଗଲା । ମହୋଦୟଙ୍କ ଉଦ୍ୟମ ସଂପର୍କରେ ଏକ ସଂକ୍ଷିପ୍ତ ଭିଡ଼ିଓ ମଧ୍ୟ ପରିବେଷଣ କରାଗଲା । ଏତଦ୍‌ପରେ ମହୋଦୟ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ପବିତ୍ର ହସ୍ତରୁ ପୁରସ୍କାର ଏବଂ ଦଶ ହଜାର ପାଉଣ୍ଡ ଅର୍ଥରାଶିର ପୁରସ୍କାର ଚେକ୍ ପ୍ରାପ୍ତ କଲେ । ତତ୍‌ପରେ ମହୋଦୟ ମଞ୍ଚ ଉପରକୁ ଗଲେ ଏବଂ ଫ୍ରେଞ୍ଚ୍ ଭାଷାରେ ଶ୍ରୋତାମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେହି ଉଦ୍‌ବୋଧନର ଇଂରାଜୀ ଅନୁବାଦ ମଧ୍ୟ ଉପସ୍ଥାପିତ କରାଗଲା । ମହୋଦୟଙ୍କୁ ପୁରସ୍କାର ମିଳିବା ଯୋଗୁଁ ମହୋଦୟ ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କଲେ ଏବଂ ପାଶ୍ଚାତ୍ୟ ଆଫ୍ରିକାରେ ମାନସିକ ରୋଗୀମାନଙ୍କର ସମସ୍ୟାର ଚର୍ଚ୍ଚା କଲେ । ପରିଶେଷରେ ମହୋଦୟ ହୁଜୁର ଅନ୍‌ୱର୍ ଅ.ବ ଏବଂ ଜମାଅତ୍ ଅହମଦିୟାର କୃତଜ୍ଞତା ଜ୍ଞାପନ କଲେ ।

**ସ୍ୱାଗତ ସମାରୋହ ଭାଷଣ ଏବଂ ସମ୍ମାନିତ ଅତିଥିମାନଙ୍କର ସଂକ୍ଷିପ୍ତ ଉଦ୍‌ବୋଧନ**

ହୁଜୁର ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନ ପୂର୍ବରୁ ୟୁ.କେର ଶ୍ରୀଯୁକ୍ତ ଅମୀର୍ ସାହେବ ପ୍ରାରମ୍ଭିକ ସ୍ୱାଗତ ସମାରୋହ ଭାଷଣ ପ୍ରଦାନ କଲେ । ଅପର ପକ୍ଷେ କେତେକ ସମ୍ମାନିତ ଅତିଥିମାନେ ମଧ୍ୟ ସଂକ୍ଷିପ୍ତ ଭାଷଣ ପ୍ରଦାନ କଲେ । ସେହି ଭାଷଣର ସବିଶେଷ ବିବରଣୀ ନିମ୍ନଲିଖିତ ଅଟେ ।

**ପ୍ରାରମ୍ଭିକ ସ୍ୱାଗତ ଭାଷଣ ରଫିକ୍ ଅହମଦ ହୟାତ୍ ସାହେବ ପ୍ରଦାନ କଲେ (ଅମୀର୍ ଜମାଅତ୍ ଅହମଦିୟା ୟୁ.କେ)**

ସମ୍ମାନିତ ଅମୀର୍ ସାହେବ ସମସ୍ତଙ୍କୁ ସ୍ୱାଗତ ଜଣାଇବା ପରେ କହିଲେ, ଆଜି ଏଠାରେ ନାନା ବିଭାଗ ଏବଂ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ବା ଜଡ଼ିତ ଥିବା ବ୍ୟକ୍ତି ବିଶେଷ ଏକତ୍ରିତ ହୋଇଛନ୍ତି । ଯଦି ସଂସାରରେ ଅଧିକ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ କରିବାକୁ ଚାହାଁନ୍ତି ତେବେ ସମସ୍ତେ ମିଶି ଏକତା, ପାରସ୍ପରିକ ଭ୍ରାତୃତ୍ୱତାବୋଧ, ସହିଷ୍ଣୁତା ଭାବ, ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ହେବ ।

ବର୍ତ୍ତମାନ ଜଗତ ଏକ ଭୟଙ୍କର ସମ୍ବେଦନଶୀଳ ଓ ସନ୍ଧିକ୍ଷଣ ମୁହୂର୍ତ୍ତ ଦେଇ ଗତି କରୁଛି । ସଂସାରର ଅନେକ ଅଞ୍ଚଳରେ ଅଶାନ୍ତି, ଅରାଜକତା, ଉପଦ୍ରବ, ହିଂସା ଓ ବିଶୃଙ୍ଖଳା ଦେଖିବାକୁ ମିଳୁଛି । ଲୋକମାନଙ୍କର ସନ୍ତାନମାନେ ଅକାଳରେ ପ୍ରାଣ ହରାଉଛନ୍ତି ଏବଂ ଜାତିମାନେ ପରସ୍ପର ସହିତ ମତଭେଦ କରିବାରେ ଓ ସଂଘର୍ଷ କରିବାରେ ବ୍ୟସ୍ତ ଅଟନ୍ତି ।

ହ. ଖଲିଫତୁଲ୍ ମସିହ୍ ବ୍ରିଟେନ୍‌ର ସଂସଦ, ଇଉରୋପୀୟ ସଂସଦ, ୱାଶିଙ୍ଗଟନ୍ ଡ଼ି.ସି ସ୍ଥିତ କ୍ୟାପିଟାଲ ହିଲ୍, କାନାଡ଼ିଆନ୍ ସଂସଦ, ଡଚ୍ ସଂସଦ, ନ୍ୟୁଜିଲାଣ୍ଡ ସଂସଦ, ସମେତ ବିଶ୍ୱର ଅନେକ ପ୍ରମୁଖ ଫୋରମ୍ ଠାକୁ ଯାଇ ଶାନ୍ତି ଏବଂ ନ୍ୟାୟ ବିଚାର ସଂପର୍କରେ ଉଦ୍‌ବୋଧନ ଦେଇଛନ୍ତି । ସେହିପରି ହୁଜୁର୍ ଅନ୍‌ୱର୍ ଅ.ବ ସଂସାରର ଧର୍ମଗୁରୁମାନଙ୍କୁ ବ୍ୟକ୍ତିଗତ ରୂପେ ପତ୍ର ମଧ୍ୟ ଲେଖିଛନ୍ତି ଯହିଁରେ ନ୍ୟାୟ ସ୍ଥାପନ କରିବା ନିମନ୍ତେ ଅନୁପ୍ରାଣିତ କରାଯାଇଛି । କାରଣ ବିଶ୍ୱ ଆଉ ଅତିରିକ୍ତ ବିନାଶ ଆଡ଼କୁ ଅଗ୍ରସର ନହେଉ । ଆଜିର ଏହି ଭୟାବହପୂର୍ଣ୍ଣ ଯୁଗରେ ଯେଉଁ ଅନିଶ୍ଚିତତା ଏବଂ ଭୟ ବୃଦ୍ଧି ପାଇବାରେ ଲାଗିଛି ସେଠାରେ ହୁଜୁର୍ ଅନୱର୍ ଅ.ବଙ୍କ ଶାନ୍ତି, ପାରସ୍ପରିକ ଓ ନ୍ୟାୟ ବିଚାରର ବାର୍ତ୍ତା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ତାତ୍‌କ୍ଷଣିକ ଧ୍ୟାନ ଆକର୍ଷଣ କରୁଛି ।

ସମ୍ମାନିତ ମହିଳାମାନେ ! ଇତିହାସ ଆମମାନଙ୍କୁ ଏହି ଶିକ୍ଷା ପ୍ରଦାନ କରୁଛିନ ଯେ, ହୁଜୁର ଅନ୍‌ୱର୍ ଅ.ବ ବାରମ୍ବାର ଆମମାନଙ୍କୁ ସ୍ମରଣ କରାଉଛନ୍ତି ଯେ, ଶାନ୍ତି ଶକ୍ତି ଓ ଜୋର ଜବରଦସ୍ତ ଦ୍ୱାରା ସ୍ଥାପନ କରାଯାଇ ପାରିବ ନାହିଁ । ବରଂ ପ୍ରକୃତ ଏବଂ ଅଧିକ କାଳ ପର୍ଯ୍ୟନ୍ତ ଶାନ୍ତି ନ୍ୟାୟବିଚାର, ଧର୍ମପରାୟଣତା ଏବଂ ପାରସ୍ପରିକ ସମ୍ମାନ ମାଧ୍ୟମରେ ହିଁ ସମ୍ଭବପର ଅଟେ । ଯଦି ଆମେମାନେ ଏକ ଶାନ୍ତିପୂର୍ଣ୍ଣ ସଂସାର ଦେଖିବାକୁ ଓ ଗଢିବାକୁ ଚାହୁଁଛେ ତେବେ ନ୍ୟାୟକୁ ସମଗ୍ର ଲୋକମାନଙ୍କ ସକାଶେ ଏବଂ ସମଗ୍ର ଜାତିମାନଙ୍କ ସକାଶେ ସମାନ ରୂପେ ପ୍ରଣୟନ କରିବାକୁ ହେବ । ଅଲ୍ଲାଃତାଲା ମାନବତାକୁ ଶାନ୍ତି ଏବଂ ନ୍ୟାୟ ବିଚାର ଓ ପାରସ୍ପରିକ ମୂଲ୍ୟବୋଧ ମାର୍ଗ ଦେଖାନ୍ତୁ । ଆମିନ୍ ।

Greg Stafford MP
for Farnham and Bordon (ଅବଶିଷ୍ଟାଂଶ..ପୃ-10ରେ)

(ଖୁତ୍‌ବା ଜୁମା)

**ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ ମଉଦ୍ ଅ.ସଙ୍କ ଜୀବନୀରୁ ସତ୍ୟତା ଉପରେ କଳେବଳେ କୌଶଳେ କାର୍ଯ୍ୟାନୁସରଣ କରିବା ସଂପର୍କରେ ଏବଂ ଏଥି ସଂକ୍ରାନ୍ତରେ ବିରୋଧୀମାନଙ୍କୁ ଆପଣ ଅ.ସ ଯେଉଁ (ଆହ୍ୱାନ) ଚ୍ୟାଲେଞ୍ଜ୍ ଦେଇଥିଲେ, ସେହି ଘଟଣାବଳୀ ମଧ୍ୟରୁ କେତେକ ବିଶ୍ୱାସବର୍ଦ୍ଧ ଘଟଣାବଳୀର ଚର୍ଚ୍ଚା ।**

**ଖୁତ୍‌ବା ଜୁମା 01 May 2026 ମସିହା ଅନୁଯାୟୀ ୦୧ହିଜରତ୍ ୧୪୦୫ ହିଜ୍ରୀ ଶମ୍ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔ اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔ اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଜି ମୁଁ ସତ୍ୟତା ଉପରେ କାର୍ଯ୍ୟାନୁସରଣ କରିବା ଏବଂ କଠୋରତାର ସହିତ ସତ୍ୟତା ଉପରେ କାର୍ଯ୍ୟାନୁସରଣ କରିବା ସଂପର୍କରେ ବିରୋଧୀମାନଙ୍କୁ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସ ଯେଉଁ ଚ୍ୟାଲେଞ୍ଜ ଦେଇଥିଲେ ସେହି ଘଟଣାବଳୀ ମଧ୍ୟରୁ କେତେକ ଘଟଣାବଳୀ ମୁଁ ହ. ମସିହ୍ ମୁଦ୍ ଅ.ସଙ୍କ ଜୀବନୀ ଓ ଜୀବନରୁ ଉପସ୍ଥାପିତ କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସର୍ବ ପ୍ରଥମେ ଆପଣ ଅ.ସଙ୍କ ଘୋର ବିରୋଧୀ ମୁହମ୍ମଦ ହୁସୈନ୍ ସାହେବ ଯିଏ ଆପଣ ଅ.ସଙ୍କ ଉପରେ କାଫିର୍ (ଅବିଶ୍ୱାସକାରୀ) ଏବଂ କଜ୍ଜାବ୍ (ମିଥ୍ୟାବାଦୀ)ର ଆରୋପ ଲଗାଇଥିଲା । ତାଙ୍କର ଏହି ଆରୋପର ହ. ମସିହ୍ ମଉଦ୍ ଅ.ସ ଯେଉଁ ଉତ୍ତର ପ୍ରଦାନ କିରଥିଲେ ତାହା ମଧ ମୁଁ ଉପସ୍ଥାପିତ କରିବି। ସେହି ଉତ୍ତରଟି ଏପରି ଏକ ସ୍ୱଷ୍ଟ ଉତ୍ତର ଏବଂ ଚ୍ୟାଲେଞ୍ଜ ଅଟେ ଯେ, ଯଦି କୌଣସି ବ୍ୟକ୍ତି ନ୍ୟାୟ ଦୃଷ୍ଟିରୁ ଦେଖେ ତେବେ ସେହିସବୁ ଆରୋପ ଉପରେ ସେ ଆଦୌ ବିଶ୍ୱାସ କରିବ ନାହିଁ । କିନ୍ତୁ ଯେତେବେଳେ ଆଖି ଉପରେ ପଟ୍ଟି ବନ୍ଧା ହୋଇଥିବ ତେବେ ଆଖିକୁ ଆଲୋକ ଦେଖାଯିବ ନାହିଁ । ଏହା ହିଁ ଆଜିକାଲି ମୌଲବୀମାନଙ୍କର ଅବସ୍ଥା ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକଦା ମୁହମ୍ମଦ ହୁସୈନ୍ ବଟାଲୱୀ ସାହେବ ହ. ମସିହ ମଉଦ୍ ଅ.ସଙ୍କୁ ଏକ ପତ୍ର ଲେଖିଲେ ଏବଂ ସେହି ପତ୍ରରେ ସେ ଆପଣ ଅ.ସଙ୍କୁ ଧର୍ମଦ୍ରୋହୀ, ଧର୍ମ ବିରୋଧୀ, ଅବିଶ୍ୱାସକାରୀ ଓ ମିଥ୍ୟାବାଦୀ ବୋଲି ବର୍ଣ୍ଣନା କଲା । **ନାଉଜୁବିଲ୍ଲାଃ** ! ଆପଣ ଅ.ସ ମୌଲବୀ ସାହେବଙ୍କ ଉକ୍ତ ପତ୍ରର ବିସ୍ତୃତ ବିବରଣୀ ପ୍ରଦାନ କରି ଉଲ୍ଲେଖ କଲେ ଯେ, "ମହୋଦୟ ! ଆପଣ ଯଦି ସତ୍ୟାନ୍ୱେଷୀ ହୋଇ ମୋର ଜୀବନୀ ଉପରେ ଦୃଷ୍ଟିପାତ କରନ୍ତି ତେବେ ଆପଣ ଅ.ସଙ୍କ ଉପରେ ସ୍ୱଷ୍ଟ ପ୍ରମାଣ ଦ୍ୱାରା ରହସ୍ୟ ଉନ୍ମୋଚିତ ହୋଇଯିବ ଯେ, ଈଶ୍ୱର ସର୍ବଦା ମିଥ୍ୟାର ଅପବିତ୍ରତା ଠାରୁ ମୋତେ ସୁରକ୍ଷିତ ରଖି ଆସିଛନ୍ତି । ଏପର୍ଯ୍ୟନ୍ତକି ଅନେକ ସମୟରେ ଇଂରେଜ ଅଦାଲତରେ ମୋର ପ୍ରାଣ ଏବଂ ମୋର ମାନ ସମ୍ମାନ ଏପରି ବିପଦାଗ୍ରସ୍ତ ହୋଇଗଲା ଯେ, ମୋତେ ମୋର ଓକିଲ ମିଛ କଥା ବ୍ୟତୀତ ଅନ୍ୟ କୌଣସି ପରାମର୍ଶ ଦେଲା ନାହିଁ (ଓକିଲ ମୋତେ ମିଛ କଥା କହିବାକୁ ପରାମର୍ଶ ଦେଲା) । ସମସ୍ତେ ମୋତେ ଏହା ହିଁ କହିଲେ, ଯେ, ମୁଁ ଯଦି ମିଛି କହିବି ତେବେ ଯାଇ ମୋର କାମ ହୋଇଯିବ। କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ମୁଁ ସତ୍ୟ ନିମନ୍ତେ ନିଜର ପ୍ରାଣ ଏବଂ ନିଜ ସମ୍ମାନକୁ ମଧ ହାତଛଡ଼ା କରିବା ନିମନ୍ତେ ପ୍ରସ୍ତୁତ ଅଟେ । ବେଳେବଳେ ଆର୍ଥିକ ମକଦ୍ଦମାରେ କେବଳ ସତ ପାଇଁ ମୁଁ ବହୁତ ବଡ଼ ବଡ଼ କ୍ଷତି ସହ୍ୟ କରିଛି ଓ ବେଳେବେଳେ କେବଳ ଈଶ୍ୱରଙ୍କ ଭୟ ସକାଶେ ମୁଁ ନିଜର ପିତାଶ୍ରୀ ଓ ଭାଇଙ୍କ ବିରୁଦ୍ଧରେ ମଧ ସାକ୍ଷ୍ୟ ଦେଇଛି, କିନ୍ତୁ ସତ୍ୟକୁ ହାତ ଛଡ଼ା କରି ନାହିଁ । ଏହି ଗ୍ରାମ (କାଦିୟାନ)ରେ ଏବଂ ବଟାଲାରେ ମଧ ମୋ ଜୀବନ ଅତିବାହିତ ହୋଇଯାଇଛି । କିନ୍ତୁ କିଏ ପ୍ରମାଣିତ କରିପାରିବ ଯେ, ମୋ ପାଟିରୁ କେବେ ମିଛ କଥା ବାହାରିଥିବ । ପୁନଶ୍ଚ ଯେତେବେଳେ ମୁଁ ଅଲ୍ଲାଃତାଲାଙ୍କ ସକାଶେ ଲୋକମାନଙ୍କ ଉପରେ ମିଛ କଥା କହିବା ପ୍ରାରମ୍ଭରୁ ହିଁ ପରିତ୍ୟାଗ କରିଦେଲି ଓ ବରାମ୍ବାର ନିଜର ପ୍ରାଣ ଓ ଧନକୁ ସତ୍ୟତା ସକାଶେ ଉତ୍ସର୍ଗ କରିଦେଲି ସେତେବେଳେ ମୁଁ ଈଶ୍ୱରଙ୍କ ଉପରେ କିପରି ମିଥ୍ୟାରଚନା କରିପାରି ଥାଆନ୍ତି....?"

ହୁଜୁର୍ ଅନୱର୍ ଅ.ବ କହିଲେ, ମୁହମ୍ମଦ୍ ହୁସୈନ୍ ବଟାଲ୍‌ୱୀ ସେହି ପତ୍ରରେ ଏହା ମଧ ଉଲ୍ଲେଖ କରିଥିଲେ ଯେ, "ମିଛ କହିବା ଏବଂ ପ୍ରତାରଣା ତଥା ଧୋକା ଦେବା ଆପଣ ଅ.ସଙ୍କ ଏପରି ବିଶେଷ ଗୁଣ ହୋଇ ଯାଇଛି ଯେ, ତାହା ଆପଣ ଅ.ସଙ୍କ ଜାତକର ଏକ ଅଂଶବିଶେଷ ଅଟେ ।" **ନାଉଜୁବିଲ୍ଲାଃ** । "ଅପରପକ୍ଷେ ପ୍ରକୃତ ପ୍ରସଙ୍ଗ ଏହିକି ଯେ, ମୌଲବୀ ସାହେବଙ୍କ ନିଜସ୍ୱ ସ୍ୱଷ୍ଟ ମିଥ୍ୟା ଏବଂ ମିଥ୍ୟାରଚନା ଏପରି ଆରୋପ ଥିଲା ଯେ, ତାହାର କୌଣସି ପ୍ରମାଣ ମଧ ତାଙ୍କ ନିକଟରେ ନଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ତାଙ୍କ ପ୍ରଶ୍ନ ଏବଂ ଆରୋପର ଉତ୍ତର ପ୍ରଦାନ କରି ଉଲ୍ଲେଖ କରନ୍ତି: "ଶେଖ୍ ସାହେବ ! ଯେଉଁ ବ୍ୟକ୍ତି ଧର୍ମପରାୟଣ ଏବଂ ବୈଧ ସନ୍ତାନ ଅଟେ ସେ ପ୍ରଥମତଃ ସାହସ କରି ନିଜର ଭାଇ ଉପରେ ବିନା ପୂର୍ଣ୍ଣ ତଦନ୍ତ କରି କୌଣସି ପାପ ଏବଂ ଅବିଶ୍ୱାସକାରୀତାର ଆରୋପ ଲଗାଇ ନଥାଏ ଏବଂ ଯଦି ବି ଆରୋପ ଲଗାଏ ତେବେ ସେ ଏପରି ପୂର୍ଣ୍ଣ ପ୍ରମାଣ ଉପସ୍ଥାପିତ କରିଥାଏ ଯେପରିକି ଦେଖଣାହାରୀଙ୍କ (ଦର୍ଶକ) ନିମନ୍ତେ ଦିନ ବୃଦ୍ଧି କରି ଦେଇଥାଏ । ଅର୍ଥାତ୍ ଦିବାଲୋକ କରି ଦେଇଥାଏ । ଅତଏବ୍ ଯଦି ଆପଣ ଉପରୋକ୍ତ ଦୁଇଟି ବିଶେଷ ଗୁଣାବଳୀର ପ୍ରଶଂସକ ଅଟନ୍ତି ତେବେ ଆପଣଙ୍କୁ ସେହି ସର୍ବ ଶକ୍ତିମାନ ଈଶ୍ୱରଙ୍କ ରାଣ । କାରଣ ସେହି ଈଶ୍ୱରଙ୍କ ରାଣ ଦେବା ଦ୍ୱାରା (ହ. ନବୀ ସ.ଅ ମଧ ଧ୍ୟାନର ସହିତ ଉତ୍ତର ଦେଉଥିଲେ) ଆପଣଙ୍କ ଧାରଣା ଅନୁଯାୟୀ ଆପଣଙ୍କର ଏହି ଦୁଇ ପ୍ରକାରର ନୀଚତା ଏହି ବିନୀତକୁ ପ୍ରମାଣ କରି ଦେଖାନ୍ତୁ। ଅର୍ଥାତ୍ **ପ୍ରଥମତଃ** ମୁଁ ଇସ୍‌ଲାମ୍ ଧର୍ମର ବିରୋଧୀ ଅଟେ ଏବଂ ଅବିଶ୍ୱାସକାରୀ ଅଟେ। **ଦ୍ୱିତୀୟତଃ** ମୋର ମିଛ କହିବାର ଅଭ୍ୟାସ ଅଟେ । ଆପଣ ମୋ ଉପରେ ଏହି ଦୁଇଟି ଯାକ ଆରୋପ ଲଗାଉଛନ୍ତି ଯେ, ମୁଁ ଅବିଶ୍ୱାସକାରୀ ଅଟେ ଏବଂ ମୁଁ ମୁସଲମାନ ନୁହେଁ । ଠିକ୍ ଅଛି ଉକ୍ତ କଥାକୁ ଆପଣ ପ୍ରମାଣିତ (ସିଦ୍ଧ) କରନ୍ତୁ । ଆପଣ ମୋ ଉପରେ ଯେଉଁ ଦ୍ୱିତୀୟ ଆରୋପ ଲଗାଉଛନ୍ତି ଯେ, ମୁଁ ମିଥ୍ୟାବାଦୀ ଅଟେ । ତେବେ ଆପଣ ଏହି ଆରୋପକୁ ମଧ ସିଦ୍ଧ କରନ୍ତୁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି ଯେ, ଆଁହଜରତ୍ ସ.ଅ କୁହନ୍ତି: "ଯେଉଁ ବ୍ୟକ୍ତି ନିଜ କଥାରେ ସତ୍ୟବାଦୀ ହୋଇଥାଏ ସେହି ବ୍ୟକ୍ତି ନିଜ ସ୍ୱପ୍ନରେ ମଧ ସବୁଠୁ ବେଶୀ ସତ୍ୟବାଦୀ ହୋଇଥାଏ । ଉକ୍ତ ହଦିସ୍‌ରେ ଆଁହଜରତ୍ ସ.ଅ ସତ୍ୟବାଦୀର ଏହି ନିଦର୍ଶନ ବିବେଚିତ କରିଛନ୍ତି ଯେ, ସତ୍ୟବାଦୀ ବ୍ୟକ୍ତିର ସ୍ୱପ୍ନରେ ପ୍ରାବଲ୍ୟତା ହୋଇଥାଏ ଏବଂ ବର୍ତ୍ତମାନ ଆପଣ ଦାବି କରି ସାରିଛନ୍ତି ଅର୍ଥାତ୍ ମୌଲବୀ ସାହେବ କୁହନ୍ତି ଯେ, ମୁଁ ନବୀ କରୀମ୍ ସ.ଅଙ୍କ ଉପରେ ବିଶ୍ୱାସ ଆଣୁଛି । ତେଣୁ ଆପଣ ଯଦି ଏକଥା ବୈରାଗ୍ୟ ହୋଇ କହି ନାହାନ୍ତି ତେବେ ଆପଣ ବାସ୍ତବରେ ଆଁହଜରତ୍ ସ.ଅଙ୍କ ଉପରେ ବିଶ୍ୱାସ ରଖନ୍ତି ଓ ଜାଣନ୍ତି ଯେ, ଆଁହଜରତ୍ ସ.ଅ ନିଜର କଥନରେ ସତ୍ୟବାଦୀ ଅଟନ୍ତି, ଅତଏବ୍ ଆପଣ ଆସନ୍ତୁ ମୁଁ ଏବଂ ଆପଣ ଏହି ପନ୍ଥା ଦ୍ୱାରା ପରସ୍ପରକୁ ପରୀକ୍ଷା କରିନେବା । କାରଣ ଏହି କଷଟି ପନ୍ଥା ଦ୍ୱାରା କିଏ ସତ୍ୟବାଦୀ ହେବ ଓ କିଏ ମିଥ୍ୟାବାଦୀ ସାବ୍ୟସ୍ତ ହୋଇଯିବ ? କାହାର ଜାତକରେ ମିଥ୍ୟା ରହିଛି । ସେହିପରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, لَهُمُ الْبُشْرٰى فِي الْحَيٰوةِ الدُّنْيَا ଅର୍ଥାତ୍ ସେମାନଙ୍କ ନିମନ୍ତେ ଏହି ସାଂସାରିକ ଜୀବନ ମଧ ଈଶ୍ୱରଙ୍କ ତରଫରୁ ଶୁଭ ସୂଚନା ପ୍ରାପ୍ତ କରିବାର ପୁରସ୍କାର ରୂପେ ଧାର୍ଯ୍ୟ ହୋଇଛି। ଅର୍ଥାତ୍ ବିଶ୍ୱାସକାରୀମାନଙ୍କର ଏହି ବିଶେଷତା ହେଲା ଯେ, ଅନ୍ୟ ବ୍ୟକ୍ତିମାନଙ୍କର ସ୍ୱପ୍ନ ତୁଳନାରେ ବିଶ୍ୱାସକାରୀମାନଙ୍କର ସ୍ୱପ୍ନ ସତ୍ୟ ପ୍ରମାଣିତ ହୋଇଥାଏ । ଆପଣ ବର୍ତ୍ତମାନ ଦାବି କରି ସାରିଛନ୍ତି ଆପଣ ପବିତ୍ର କୁରଆନ୍ କରୀମ୍ ଉପରେ ମଧ ବିଶ୍ୱାସ ଆଣୁଛନ୍ତି । ବହୁତ ଭଲ, ଆସନ୍ତୁ ପବିତ୍ର କୁରଆନ୍ କରୀମ୍ ଅନଯାୟୀ ମଧ ପରୀକ୍ଷା କରିନେବା ଯେ, ବିଶ୍ୱାସକାରୀ ହେବାର ଲକ୍ଷଣ ଓ ନିଦର୍ଶନ କେଉଁ ବ୍ୟକ୍ତି ମଧ୍ୟରେ ରହିଛି? ଏହି ଦୁଇଟି ପରୀକ୍ଷା ଏହିପରି ହୋଇପାରିବ ଯେ, ବଟାଲା ଠାରେ କିମ୍ବା ଲାହୋର ଠାରେ କିମ୍ବା ଅମୃତସର ଠାରେ ଏକ ସଭା ସ୍ଥିର (ଆୟୋଜନ) କରି ଉଭୟ ପକ୍ଷଙ୍କ ସାକ୍ଷ୍ୟ, ସ୍ୱପ୍ନ ଅର୍ଥାତ୍ ଉଭୟ ପକ୍ଷଙ୍କର ସ୍ୱପ୍ନର ସାକ୍ଷ୍ୟମାନେ ଅବଶ୍ୟ ସେହି ସଭାରେ ହାଜର ହୁଅନ୍ତୁ ଏବଂ ପୁନଶ୍ଚ ଯେଉଁ ବ୍ୟକ୍ତି ଆମମାନଙ୍କ ମଧ୍ୟରୁ ସୁନିଶ୍ଚିତ ଏବଂ ବଳିଷ୍ଠ ପ୍ରମାଣ ଦ୍ୱାରା ନିଜର ସ୍ୱପ୍ନରେ ସର୍ବାଧିକ ସତ୍ୟବାଦୀ ସାବ୍ୟସ୍ତ ହେବ ତେବେ ତା'ର ବିରୋଧୀର ନାମ କଜ୍ଜାବ୍, ଦଜ୍ଜାଲ୍, କାଫିର୍, ମଲ୍‌ଉନ୍ (ମିଥ୍ୟାବାଦୀ, ପ୍ରବଞ୍ଚକ, ଅବିଶ୍ୱାସକାରୀ ଓ ଅଭିଶପ୍ତ) ଇତ୍ୟାଦି ଯେଉଁ ନାମ ବି ଦେବେ ସେହି ମୁହୂର୍ତ୍ତରେ ସେହି ବ୍ୟକ୍ତିକୁ ଏହି ପଦକ ପିନ୍ଧାଇ ଦିଆଯିବ ଏବଂ ଯଦି ଆପଣ ବିଗତ ପ୍ରମାଣ ଉପସ୍ଥାପିତ କରିବାରୁ ଅକ୍ଷମତା ପ୍ରକାଶ କରନ୍ତି ତେବେ ମୁଁ ଏହା ସ୍ୱୀକାର କରିବି ଯେ, ମୁଁ 6 ମାସ ପର୍ଯ୍ୟନ୍ତ ଆପଣଙ୍କୁ ଅନୁମତି ଦେଉଛି ଯେ, ଆପଣ କେତେକ ଖବର କାଗରେ ନିଜର ଏପରି ସ୍ୱପ୍ନ ଉଲ୍ଲେଖ କରନ୍ତୁ ଯେଉଁ ସ୍ୱପ୍ନ ଆଦୃଷ୍ଟ ପ୍ରସଙ୍ଗ ଉପରେ ଆଧାରିତ ହୋଇଥିବ। ମୁଁ କେବଳ ଏହାକୁ ଯଥେଷ୍ଟ ବୋଲି ମନେକରିବି ନାହିଁ ଯେ, ମୁଁ ବିଗତ ସ୍ୱପ୍ନର ପ୍ରମାଣ ଆପଣଙ୍କୁ ଦେବି ବରଂ ମୁଁ ଆପଣଙ୍କ ବିପକ୍ଷରେ ମଧ **ଇନଶାଅଲ୍ଲାଃ** ନିଜର ସ୍ୱପ୍ନକୁ ଉଲ୍ଲେଖ କରାଇବି । ଯେପରିକି ଆପଣଙ୍କର ଦାବି ରହିଛି ଯେ, ମୁଁ ପବିତ୍ର କୁରଆନ୍ କରୀମ୍ ଉପରେ ବିଶ୍ୱାସ ଆଣୁଛି ଠିକ୍ ସେହିପରି ମୋର ମଧ ଏହି ଦାବି ରହିଛି ଯେ, ମୁଁ ମନ ଓ ପ୍ରାଣର ସହିତ ସେହି ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛି । ଏହା ହିଁ ମୋର ଦାବି ଓ ଦମ୍ଭୋକ୍ତି ଅଟେ । କାରଣ ମୁଁ ମନ ଓ ପ୍ରାଣର ସହିତ ସେହି ମହାବତାର ସ.ଅଙ୍କ ଉପରେ ଏବଂ ତାହାଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ପବିତ୍ର ଗ୍ରନ୍ଥ ଉପରେ ବିଶ୍ୱାସ ରଖୁଛି । ବର୍ତ୍ତମାନ ଏହି ନିଦର୍ଶନ ଦ୍ୱାରା ଏହା ପରୀକ୍ଷା କରାଯାଇପାରିବ ଯେ, କେଉଁ ବ୍ୟକ୍ତି (ପକ୍ଷ) ନିଜ ଦାବିରେ ସତ୍ୟବାଦୀ ଅଟେ ଓ କେଉଁ ବ୍ୟକ୍ତି ନିଜ ଦାବିରେ ମିଥ୍ୟାବାଦୀ ଅଟେ ? ଯଦି ମୁଁ ଉକ୍ତ ନିଦର୍ଶନ ଦୃଷ୍ଟିରୁ ଅର୍ଥାତ୍ ନବୀ କରୀମ୍ ସ.ଅ ଓ ପବିତ୍ର କୁରଆନ୍ କରୀମ୍ ଯେଉଁ କଷଟି ବିବେଚିତ ତଥା ଧାର୍ଯ୍ୟ କରିଛନ୍ତି ତହିଁରୁ ପରାଜିତ ହେଲି ତେବେ ଆପଣ ସତ୍ୟବାଦୀ ବୋଲି ବିବେଚିତ ହେବେ । ଆପଣଙ୍କ କହିବା ଅନୁଯାୟୀ ମୁଁ ଯଦି ମିଥ୍ୟାବାଦୀ, ପ୍ରବଞ୍ଚକ, ଅବିଶ୍ୱାସକାରୀ, ସଇତାନ, ମିଥ୍ୟରଚନାକାରୀ ବୋଲି ବିବେଚିତ ହୁଏ ତେବେ ସେପରିପ୍ରେକ୍ଷୀରେ

ଆପଣଙ୍କର ସେହି ସମସ୍ତ କୁଧାରଣା ସଠିକ୍ ଓ ଉଚିତ୍ ବୋଲି ସାବ୍ୟସ୍ତ ହେବ । ଯେଉଁ ଆରୋପ ଆପଣ ମୋ ଉପରେ ଲଗାଇଛନ୍ତି ତହିଁରେ ଆପଣ ସତ୍ୟବାଦୀ ବୋଲି ପ୍ରମାଣିତ ହେବେ । ଅର୍ଥାତ୍ ମୁଁ ବରାହିନେ ଅହମଦିୟା ପୁସ୍ତକ ମଧ୍ୟରେ ଧୋକା ଦେଇଛି ଏବଂ ଲୋକମାନଙ୍କର ଟଙ୍କା ହଡ଼ପ କରିଛି ଓ ଦୁଆ ସ୍ୱୀକୃତ ହେବା ନିମନ୍ତେ ଲୋକମାନଙ୍କର ଧନ ଖାଇ ବର୍ବାଦ କରିଛ ଓ ମୁଁ ଅବୈଧ ଅର୍ଥ ହଡ଼ପ କରିବାରେ ନିଜର ଜୀବନ ଅତିବାହିତ କଲି । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପୁରସ୍କାର (କୃପା) ଯାହା ବିଶ୍ୱାସକାରୀ ଏବଂ ସତ୍ୟବାଦୀମାନଙ୍କର ସପକ୍ଷରେ ହୋଇଥାଏ ମୋତେ ସତ୍ୟବାଦୀ ପ୍ରମାଣିତ କରିଦେଲା ତେବେ ଆପଣ କୁହନ୍ତୁ ଯେ, ଏସବୁ ନାମ ବର୍ତ୍ତମାନ ଆପଣଙ୍କ ମୌଲବୀ ମର୍ଯ୍ୟାଦାର ପରିପନ୍ଥୀ ସାବ୍ୟସ୍ତ ହେବ ନା ଆପଣ ଦୋଷୀ ସାବ୍ୟସ୍ତ ହେବେ କିମ୍ବା ସେତେବେଳେ ମଧ୍ୟ ନିବୃତ୍ତ ରହିବାର ମାର୍ଗ ଆପଣଙ୍କ ସକାଶେ ବାକି ରହିବ । ଏହା ଚ୍ୟାଲେଞ୍ଜ ଅଟେ । ଆପଣ ମୋତେ ବହୁତ ଦୁଃଖ କଷ୍ଟ ଦେଇଛନ୍ତି ଓ ମୋତେ ବହୁତ ହଇରାଣ ହର୍କତ୍ କରିଛନ୍ତି । ମୁଁ ଧୈର୍ଯ୍ୟ ପ୍ରଦର୍ଶନ କରି ଚାଲିଲି କିନ୍ତୁ ଆପଣ ସେହି ସର୍ବ ଶକ୍ତିମାନ ଈଶ୍ୱରଙ୍କୁ ମଧ୍ୟ ଡରିଲେ ନାହିଁ । କାରଣ ସେହି ସର୍ବ ବ୍ୟାପୀ ଈଶ୍ୱର ଆପଣଙ୍କ ଅନ୍ତରର ସହିତ ମଧ୍ୟ ଅବଗତ ଅଟନ୍ତି । ସେ ଅର୍ଥାତ୍ ଅଲ୍ଲାଃତାଲା ମୋତେ ଭବିଷ୍ୟବାଣୀ ସ୍ୱରୂପ ଆପଣଙ୍କ ସପକ୍ଷରେ ଏବଂ ପୁନଶ୍ଚ ଆପଣଙ୍କ ସମଧାରଣା ପୋଷଣ କରଥିବା ଲୋକମାନଙ୍କର ସପକ୍ଷରେ ସୂଚନା ପ୍ରଦାନ କଲେ ଯେ, إِنِّي مُهِينٌ مَنْ أَرَادَ إِهَانَتَكَ ଅର୍ଥାତ୍ ଯେଉଁ ବ୍ୟକ୍ତି ତୁମ୍ଭକୁ ତିରସ୍କୃତ କରିବା ନିମନ୍ତେ ଚିନ୍ତିତ ହେବ (ଚେଷ୍ଟା କରିବ) ମୁଁ ସେହି ବ୍ୟକ୍ତିକୁ ତିରସ୍କୃତ କରିବି ।"

ହୁଜୁର ଅନଓ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସୁତରାଂ ତୁମେମାନେ ନିଃସନ୍ଦେହ ରୂପେ ଏହା ବୁଝିନିଅ ଯେ, ସେହି ସମୟଟି ବର୍ତ୍ତମାନ ଖୁବ୍ ନିକଟବର୍ତ୍ତୀ ଯେ, ଈଶ୍ୱର ସେହି ସମସ୍ତ ଆରୋପ ଯାହା ଆପଣ ମୋ ଉପରେ ଲାଗଇଛନ୍ତି ତହିଁରେ ଆପଣଙ୍କର ମିଥ୍ୟାବାଦୀ ହେବା ସାବ୍ୟସ୍ତ କରିଦେବେ। ମିଥ୍ୟାରଚନା, ମିଥ୍ୟାବାଦୀମାନଙ୍କୁ ଯେଉଁ ଯେଉଁ ତିରସ୍କାର ଏବଂ ନିନ୍ଦା ଅପବାଦ ସହ୍ୟ କରିବାକୁ ପଡ଼ିଥାଏ ସେହି ସମସ୍ତ ତିରସ୍କାରର ଛାଟ ଆପଣଙ୍କୁ ଅବଶ୍ୟ ବାଜିବ (ପଡ଼ିବ)। ଆପଣଙ୍କର ଏହି ଦାବି ରହିଛି ଯେ, ଆପଣ ପବିତ୍ର କୁରଆନ୍ କରୀମ୍ ଏବଂ ନବୀ କରୀମ୍ ସ.ଅଙ୍କ ଉପରେ ବିଶ୍ୱାସ ଆଣୁଛି । ମୌଲବୀ ସାହାବେ୍ ! ଆପଣ ଏହି ଦାବିଟି କରନ୍ତି । ଅତଏବ୍ ଯଦି ଆପଣ ଉକ୍ତ କଥନରେ ସତ୍ୟ ଅଟନ୍ତି ତେବେ ପରୀକ୍ଷା ନିମନ୍ତେ ଯୁଦ୍ଧ ଭୂମିକୁ ଓହ୍ଲାଇ ଆସନ୍ତୁ । କାରଣ ଈଶ୍ୱର ମୋ ମଧ୍ୟରେ ଆପଣଙ୍କ ମଧ୍ୟରେ ସ୍ୱୟଂ ନ୍ୟାୟ ବିଚାର କରିଦେବେ । ଯେଉଁ ବ୍ୟକ୍ତି ମିଥ୍ୟାବାଦୀ ଓ ପ୍ରବଞ୍ଚକ ଅଟେ ସେହି ବ୍ୟକ୍ତିର ମୁହଁ କଳା ହୋଇଯାଉ ଏବଂ ବର୍ତ୍ତମାନ ମୋ ମନରୁ ସତ୍ୟର ସମର୍ଥନ ନିମନ୍ତେ ଏକ କଥା ନିଃସୃତ ହେଉଛି ଏବଂ ମୁଁ ସେହି କଥାକୁ ଅଟକାଇ ପାରିବି ନାହିଁ । କାରଣ ତାହା ମୋର ଆତ୍ମାରୁ ନୁହେଁ ବରଂ ପାଳନକର୍ତ୍ତାଙ୍କ ଦ୍ୱାରା ନିକ୍ଷିପ୍ତ ଅଟେ । ସେହି କଥା ମୋର ହୃଦୟକୁ ସ୍ପନ୍ଦିତ କରୁଅଛି । ତାହା ଏହିକି ଯେ, ଯେତେବେଳେ ଆପଣ ମୋତେ ଅବିଶ୍ୱାସକାରୀ ବୋଲି ବିବେଚିତ କଲେ ଏବଂ ମିଛ କହିବା ମୋର ଜାତକର ଅଂଶ ବୋଲି ବିବେଚିତ କଲେ ତେବେ ମୁଁ ବର୍ତ୍ତମାନ ଆପଣଙ୍କୁ ଅଲ୍ଲାଃତାଲାଙ୍କ ରାଣ ଦେଇ କହୁଛି ଯେ, ଆପଣ ଚିର୍ଚ୍ଚିତ ପ୍ରଥାନୁଯାୟୀ ମୋ ବିପକ୍ଷରେ ତୁରନ୍ତ ଚାଲି ଆସନ୍ତୁ । କାରଣ ଦେଖିବା ଯେ, ପବିତ୍ର କୁରଆନ୍ କରୀମ୍ ଓ ଆଁହଜରତ୍ ସ.ଅଙ୍କ ମୁଖନିଃସୃତ ବାଣୀ ଅନୁଯାୟୀ କିଏ ସତ୍ୟବାଦୀ ଓ କିଏ ମିଥ୍ୟାବାଦୀ ଅଟେ ।" **(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃ-289-295)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ସେହି କ୍ରମରେ ଆପଣ ଅ.ସ ଏହା ମଧ୍ୟ କହିଲେ, ଯେ,"ତତ୍‌ସହିତ ଆଉ ଏକ କଥା ମଧ୍ୟ ସତ୍ୟବାଦୀର ପରୀକ୍ଷା କରିବା ନିମନ୍ତେ ଯଥେଷ୍ଟ ଅଟେ । ଅତଏବ୍ ଯେଉଁ ପ୍ରସଙ୍ଗକୁ ଅଲ୍ଲାଃତାଲା ସୃଷ୍ଟି କରି ଥାଆନ୍ତି ତାହା ଏହିକି ଯେ, ମନୁଷ୍ୟ କେତେବେଳେ ଏପରି ବିପତ୍ତିର ସମ୍ମୁଖୀନ ହୋଇ ଯାଇଥାଏ ଯେ, ଯେତେବେଳେ ବିପତ୍ତିରୁ ମୁକୁଳିବା ନିମନ୍ତେ, ସଫଳତା ପ୍ରାପ୍ତ କରିବା ନମିନ୍ତେ ମିଛ ବ୍ୟତୀତ ଅନ୍ୟ କୌଣସି ଉପାୟ ଦୃଶ୍ୟମାନ ହୋଇ ନଥାଏ ସେତେବେଳେ ସେହି ବ୍ୟକ୍ତିକୁ ପରକ୍ଷୀ କରାଯାଇଥାଏ ଏବଂ ଏହା ଦେଖା ଯାଇଥାଏ ଯେ, ବ୍ୟକ୍ତିର ଜାତକରେ ସତ୍ୟତା ରହିଛି ଅବା ମିଥ୍ୟା ରହିଛି ?"

ହୁଜୁର ଅନଓ୍ୱର୍ ଅ.ବ କହିଲେ, ମୌଲବୀ ମୁହମ୍ମଦ ହୁସୈନ୍ ବଟାଲ୍‌ୱୀ ଉଲ୍ଲେଖ କରିଥିଲା ଯେ, "ଆପଣ ଅ.ସଙ୍କ ଜାତକରେ ମିଥ୍ୟା ଏବଂ ମିଥ୍ୟାରଚନା ରହିଛି । ହ. ମସିହ୍ ମଉଦ୍ ଅ.ସ କହିଲେ, ବ୍ୟକ୍ତିର ସତ୍ୟତା ଏବଂ ମିଥ୍ୟା ସଂପର୍କରେ ପରୀକ୍ଷା ସମୟରେ ହିଁ ଜଣା ପଡ଼ିଥାଏ ଯେ, ବ୍ୟକ୍ତି ସତ୍ୟବାଦୀ ଅଟେ ଅବା ମିଥ୍ୟାବାଦୀ ଅଟେ? ଅର୍ଥାତ୍ ବ୍ୟକ୍ତିର ଜାତକରେ ମିଥ୍ୟା ଲେଖା ଅଛି ଅବା ସତ୍ୟ ଲେଖା ଅଛି। ସେହି ସନ୍ଧିକ୍ଷଣ ମୁହୂର୍ତ୍ତରେ ବ୍ୟକ୍ତିର ତୁଣ୍ଡରେ ସତ୍ୟତା ଜାରି ହୋଇଥାଏ କିମ୍ବା ନିଜର ପ୍ରାଣ ଓ ମାନ ସମ୍ମାନ ଓ ଅର୍ଥର ଆକଳନ କହି ମିଛ କହିବାକୁ ଲାଗିଥାଏ । ଏହି ପ୍ରକାରର ଉଦାହରଣ ଅର୍ଥାତ୍ ପରୀକ୍ଷାର ଏହି ବୀନତ ଅନେକ ଥର ସମ୍ମୁଖୀନ ହୋଇଛି । ସେହି ଉଦାହରଣକୁ ବର୍ଣ୍ଣନା କଲେ ପ୍ରସଙ୍ଗଟି ଦୀର୍ଘ ହୋଇଯିବ । ତେଣୁ ମୁଁ ତିନୋଟି ଉଦାହରଣ ଉକ୍ତ ଅଭିପ୍ରାୟ ସକାଶେ ଉପସ୍ଥାପିତ କରି ଦେଉଛି ଯେ, ଯଦି ଉଦାହରଣ ତୁଲ୍ୟ ଆପଣଙ୍କୁ ମଧ୍ୟ ସତ୍ୟବାଦୀର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ ତେବେ ମୁଁ ଆପଣଙ୍କୁ ଅଲ୍ଲାଃତାଲାଙ୍କ ରାଣ ଦେଇ କହୁଛି ଯେ, ଆପଣ ସେହି ସବୁ ପ୍ରସଙ୍ଗକୁ ଅବଶ୍ୟ ପ୍ରମାଣ ସହିତ ପ୍ରକାଶିତ କରନ୍ତୁ । କାରଣ ଏହା ଜଣାପଡୁ ଯେ, ଆପଣ କେବଳ ଦାବି କରି ନାହାନ୍ତି ବରଂ ପରୀକ୍ଷା ଓ ବିପତ୍ତିର କବଳ ମଧ୍ୟକୁ ଆସି ସତ୍ୟନିଷ୍ଠତାକୁ ଭଙ୍ଗ କଲେ ନାହିଁ । ଆପଣ କେବେ ବି ମିଛି କହି ନାହାନ୍ତି । ଆପଣ ଏହି ଦାବି କରନ୍ତୁ ଏବଂ ଆସନ୍ତୁ ଓ ମୁକାବିଲା କରନ୍ତୁ ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ନିଜର ଉଦାହରଣରେ ଆପଣ ଅ.ସ କେତେକ କଥା କହିଛନ୍ତି ଓ ଉଦାହରଣ ସ୍ୱରୂପ ତିନୋଟି କଥାକୁ ଆପଣ ଅ.ସ ଉପସ୍ଥାପିତ କରିଛନ୍ତି। ଆପଣ ଅ.ସ କୁହନ୍ତି: "1 ଉପରୋକ୍ତ ଘଟଣାରୁ ଗୋଟିଏ ଘଟଣା ଏହିପରି ଅଟେ ଯେ, ମୋର ପିତାଶ୍ରୀଙ୍କ ବିୟୋଗ ପରେ ମିର୍ଜା ଆଜମ ବେଗ୍ ସାହେବ ଲାହୋରୀ କାଦିୟାନ୍‌ର ସମ୍ପତ୍ତି ଅଂଶୀଦାରଙ୍କୁ ମୋ ଉପରେ ଏବଂ ମୋର ସ୍ୱର୍ଗତ ଭାଇ ଗୁଲାମ୍ କାଦିରଙ୍କ ଉପରେ ସମ୍ପତ୍ତି ଉପରେ ଜବର ଦଖଲ୍‌ର ମାମଲାରେ ଗୁର୍ଦାସପୁର ଜିଲ୍ଲାରେ ଏକ ମକଦ୍ଦମା ଦାଏର୍ କରିଦେଲେ ଏବଂ ପ୍ରକାଶ୍ୟ ରୂପେ ମୁଁ ଏହା ଜାଣିଥିଲି ଯେ, ସମ୍ପତ୍ତିର ସେହି ମାଲିକମାନଙ୍କୁ ସମ୍ପତ୍ତି ସହିତ କୌଣସି ମତଲବ୍ ନାହିଁ । କାରଣ ତାହା ଏକ ହଜି ଯାଇଥିବା ଜିନିଷ ଥିଲା ଯାହା ଶିଖ୍ ଧର୍ମାବଲମ୍ବୀମାନଙ୍କ କାଳରେ ସମାପ୍ତ ହୋଇ ସାରିଥିଲା ଏବଂ ମୋର ପିତାଶ୍ରୀ ଏକୁଟିଆ ମକଦ୍ଦମା କରି ସେହି ସମ୍ପତ୍ତି ଓ ଅନ୍ୟ ଗ୍ରାମ୍ୟ ଲୋକମାନଙ୍କ ଆତିଥ୍ୟତା ନିମନ୍ତେ ୪000/- ଟଙ୍କା ପାଖାପାଖି ଅର୍ଥ ଖର୍ଚ୍ଚ କରି କ୍ଷତି ସହ୍ୟ କରିଥିଲେ । ସେହି କ୍ଷତିରେ ସେ ଅଂଶ ଗ୍ରହଣକାରୀଙ୍କ ଗୋଟିଏ ପଇସାରେ ମଧ୍ୟ ସାମିଲ୍ ନଥିଲେ । ତେଣୁ ସେହି ମକଦ୍ଦମା ସମୟରେ ମୁଁ ଯେତେବେଳେ ସଫଳତା ନିମନ୍ତେ ଦୁଆ କଲି ସେତେବେଳେ ମୋତେ ଏହି ଐଶୀବାଣୀ ହେଲା ଯେ, أُجِيبُ كُلَّ دُعَائِكَ إِلَّا فِي شُرَكَائِكَ ଅର୍ଥାତ୍ ହେ ପ୍ରତିଶ୍ରୁତ ମସିହ୍ ! ଆମ୍ଭେ ତୁମ୍ଭର ପ୍ରତ୍ୟେକ ଦୁଆ (ପ୍ରାର୍ଥନା)କୁ ସ୍ୱୀକାର କରିବୁ । କିନ୍ତୁ ତୁମ୍ଭ ସହିତ ସାମିଲ୍ ଥିବା ବ୍ୟକ୍ତିମାନଙ୍କ ସଂପର୍କରେ କରାଯାଇଥିବା ଦୁଆକୁ ଆମ୍ଭେ ସ୍ୱୀକାର କରିବୁ ନାହିଁ । ତେଣୁ ତୁମ୍ଭେ ଏହି ଯେଉଁ ଦୁଆଟି କରୁଛ ତାହା ସ୍ୱୀକୃତ ହେବ ନାହିଁ ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଲେ, ଅତଏବ୍ ମୁଁ ଉକ୍ତ ଐଶୀବାଣୀକୁ ଶୁଣିବା ଓ ପ୍ରାପ୍ତ କରିବା ମାତ୍ରେ ନିଜର ଭାଇ ଓ ଆବାଳ ବୃଦ୍ଧ ବନୀତମାନଙ୍କୁ ଏକତ୍ରିତ କଲି । ସେହି ଆବାଳ ବୃଦ୍ଧ ବନୀତାମାନଙ୍କ ମଧ୍ୟରୁ ଏବେ ବି କେତେକ ଲୋକ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି । ଅତଏବ୍ ସେହି ଆବାଳ ବୃଦ୍ଧ ବନୀତମାନଙ୍କୁ ମୁଁ ଖୋଲି (ସ୍ପଷ୍ଟ ଭାବରେ) କହିଦେଲି ଯେ, ସମ୍ପତ୍ତିରେ ଅଂଶୀଦାରମାନଙ୍କ ବିପକ୍ଷରେ ମକଦ୍ଦମା କର ନାହିଁ । ଏହା ଇଚ୍ଛା ବିରୁଦ୍ଧୀୟ ଅଟେ । ଅଲ୍ଲାଃତାଲା ଚାହୁଁ ନଥିଲେ ଯେ, ଆମେମାନେ ମକଦ୍ଦମା କରିବୁ । କିନ୍ତୁ ସେ ମୋ କଥାକୁ ସ୍ୱୀକାର କଲେ ନାହିଁ ଏବଂ ପରିଶେଷରେ ଅସଫଳ ହେଲେ । କିନ୍ତୁ ମୋ ପକ୍ଷରୁ ସହସ୍ର ସହସ୍ର (ହଜାର୍ ହଜାର୍) ଟଙ୍କାର ଆର୍ଥିକ କ୍ଷତି ସହ୍ୟ କରିବା ନିମନ୍ତେ ଅବିଚଳତା ମନରେ ପ୍ରକାଶିତ ହେଲା । ମୁଁ ଆର୍ଥିକ କ୍ଷତି ସହ୍ୟ କଲି । କିନ୍ତୁ ସେହି କଥା ଉପରେ ମୁଁ ଅବିଚଳ ରହିଲି । ଅଲ୍ଲାଃତାଲା ଅଟକାଇ ନେଇଥିଲେ ତେଣୁ ମୁଁ ମକଦ୍ଦମା ଲଢ଼ିଲି ନାହିଁ । ଉକ୍ତ ଘଟଣାର ସମସ୍ତ ଶତ୍ରୁମାନେ ଯେଉଁମାନେ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି ସେମାନେ ସାକ୍ଷ୍ୟ ଅଟନ୍ତି । ଅର୍ଥାତ୍ ମୁଁ ଏହି ମକଦ୍ଦମା ଲଢ଼ିଲି ନାହିଁ । ଯେହେତୁ ସମସ୍ତ ଜମିଦାରୀ ପ୍ରସଙ୍ଗର ସମସ୍ତ ଦାୟିତ୍ୱ ମୋ ଭାଇଙ୍କ ହସ୍ତରେ ରହିଥିଲା ତେଣୁ ମୁଁ ବାରମ୍ବାର ତାଙ୍କୁ ବୁଝାଇଲି ଯେ, ଆପଣ ମକଦ୍ଦମା ଲଢନ୍ତୁ ନାହିଁ । କିନ୍ତୁ ସେ ମୋ କଥାକୁ ମାନିଲେ ନାହିଁ ଏବଂ ପରିଶେଷର କ୍ଷତି ସହ୍ୟ କଲେ ଓ ମକଦ୍ଦମା ହାରିଗଲେ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, **(2) ଦ୍ୱିତୀୟ** ଉଦାହରଣ ଆପଣ ଏହା ଦେଲେ ଯେ,...... "ପାଖାପାଖି 15 କିମ୍ବା 16 ବର୍ଷ କାଳ ଅତିକ୍ରାନ୍ତ ହୋଇଥିବ ଅବା ତହିଁରୁ ଉର୍ଦ୍ଧ୍ୱ କାଳ ଅତିବାହିତ ହୋଇଥିବା । ସେହି ଓକିଲ ମଧ୍ୟ ଜୀବିତ ଥିଲା । ସେ ଅମୃତସର ଠାରେ ବାସ କରୁଥିଲା ଏବଂ ତା'ର ଏକ ଖବର କାଗଜ ମଧ୍ୟ ପ୍ରକାଶିତ ହେଉଥିଲା। ସେହି ଓକିଲ ଖବର କାଗଜ ପାଖକୁ ମୁଁ ଏକ ବିଷୟବସ୍ତୁ ପ୍ରକାଶନ ନିମନ୍ତେ ଏକ ପ୍ୟାକେଟ୍ ପଠାଇଲି । ସେହି ପ୍ୟାକେଟର ଉଭୟ ପାର୍ଶ୍ୱ ଖୋଲା ଥିଲା । ସେହି ପ୍ୟାକେଟ୍ ମଧ୍ୟରେ ଏକ ପତ୍ର ମଧ୍ୟ ମୁଁ ରଖିଦେଲି । ଯେହେତୁ ପତ୍ର ମଧ୍ୟରେ ଏପରି

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଶବ୍ଦ ଉଲ୍ଲିଖିତ ହୋଇଥିଲା, ଯହିଁରେ ଇସ୍‌ଲାମ୍ ଧର୍ମର ସମର୍ଥନ ଏବଂ ଅନ୍ୟ ଧର୍ମର ଖଣ୍ଡନ ଆଡ଼କୁ ଇଙ୍ଗିତ ହୋଇଥିଲା ଏବଂ ପ୍ରବନ୍ଧଟି ଛପାଇ ଦେବା ନିମନ୍ତେ ମଧ ତାଗିଦ୍ କରାଯାଇଯାଇଥିଲା । ତେଣୁ ସେହି ଖ୍ରୀଷ୍ଟ ଧର୍ମାବଲମ୍ବୀ ଧର୍ମ ବିରୋଧୀ ହେବା ଯୋଗୁଁ କ୍ରୋଧିତ ହେଲା ଏବଂ ଦୈବାତ୍ ତାକୁ ଶତ୍ରୁ ଉପରେ ଆକ୍ରମଣ କରିବା ନିମନ୍ତେ ଏହି ସୁଯୋଗ ପ୍ରାପ୍ତ ହେଲା ଯେ, ପ୍ୟାକେଟ୍ ମଧ୍ୟରେ କୌଣସି ପୃଥକ୍ ପତ୍ରକୁ ରଖିବା ଆଇନତଃ ଅପରାଧ ଅଟେ । ତେଣୁ ଏଥି ସଂପର୍କରେ ଏହି ବିନୀତ (ହ. ମସିହ୍ ମଉଦ୍ ଅ.ସଙ୍କୁ) କୌଣସି ଧାରଣା ଓ ସୂଚନା ନଥିଲା । ଏପରି ଅପରାଧର ଶାସ୍ତି ଆଇନ ଡାକ ବିଭାଗର ଆଇନ (ଅଧିନିୟମ) ଅନୁଯାୟୀ 500/-ଟଙ୍କା ଜୋରିମାନା ଏବଂ 6 ମାସ ପର୍ଯ୍ୟନ୍ତ କାରାଦଣ୍ଡର ବ୍ୟବସ୍ଥା ରହିଛି । ତେଣୁ ସେ ଖବରଦାତା (ସୂଚନା ପ୍ରଦାନକାରୀ) ହୋଇ ଡାକ ବିଭାଗର ଅଫିସରମାନଙ୍କ ସହିତ ମିଶି ଏହି ବିନୀତ ଉପରେ ମକଦ୍ଦମା ଦାଏର୍ କରିଦେଲା । ଏହି ମକଦ୍ଦମା ହେବା ପୂର୍ବରୁ ଅଲ୍ଲାଃତାଲା ମୋତେ ସ୍ୱପ୍ନ ମାଧ୍ୟମରେ ସୂଚନା ପ୍ରଦାନ କରିଦେଲେ ଏବଂ ମୋ ସମ୍ମୁଖରେ ପରିପ୍ରକାଶ କରିଦେଲେ ଯେ, ରଲିୟା ରାମ୍ ନମାକ ଜଣେ ଓକିଲ ଏକ ସର୍ପକୁ ମୋତେ ଦଂଶନ କରିବା ନିମନ୍ତେ ପ୍ରେରଣ କରିଛି । ମୁଁ ସେହି ସର୍ପକୁ ମାଛ ପରି ଭାଜି ପୁନଃ ରଲିୟାରାମ୍ ପାଖକୁ ପ୍ରେରଣ କରି ଦେଇଛି । ମୁଁ ଜାଣେ ଯେ, ଏହା ସେହି କଥା ଆଡ଼କୁ ଇଙ୍ଗିତ କରୁଥିଲା ଯେ, ସେହି ମକଦ୍ଦମାଟି ଯେଉଁଭଳି ଭାବରେ ଅଦାଲତ୍‌ରେ ନିର୍ଣ୍ଣିତ ହେଲା ତାହା ଏପରି ଏକ ଦୃଷ୍ଟାନ୍ତ ଅଟେ ଯାହାକି ଓକିଲମାନଙ୍କ କାମରେ ଆସି ପାରିବ । ଅତଏବ୍ ଉକ୍ତ ଅପରାଧରେ ଗୁର୍ଦାସପୁର ଜିଲ୍ଲାର ସଭାପତି ମୋତେ ଡକାଇଲେ ଏବଂ ଯେଉଁ ଯେଉଁ ଓକିଲମାନଙ୍କ ଠାରୁ ପରାମର୍ଶ ନିଆଯାଇଥିଲା ସେମାନେ ଏହି ପରାମର୍ଶ ଦେଲେ ଏହି ମାମଲାରେ ମିଛ କହିବା ବ୍ୟତୀତ ଅନ୍ୟ କୌଣସି ଉପାୟ ହିଁ ନାହିଁ । ତେଣୁ ସେମାନେ ଏହି ପରାମର୍ଶ ଦେଲେ ଯେ, ମହୋଦୟ ! ଆପଣ ଏହିପରି ଭାବରେ ବିଚାରପତିଙ୍କ ଆଗରେ ପରିପ୍ରକାଶ କରିଦେବେ ଯେ, ଆପଣ ସେହି ପ୍ୟାକେଟ୍‌ରେ ପତ୍ର ରଖି ନାହାନ୍ତି । ରଲିୟା ରାମ ସ୍ୱୟଂ ସେହି ପତ୍ରକୁ ପ୍ୟାକେଟ୍ ମଧ୍ୟରେ ରଖି ଦେଇଥିବ । ସେହିପରି ସାନ୍ତ୍ୱନା ପ୍ରଦାନ କରି କହିଲେ ଯେ, ଏପରି ବିବୃତ୍ତି ପ୍ରଦାନ କରିବା ଦ୍ୱାରା ସାକ୍ଷ୍ୟ ଅନୁଯାୟୀ ବିଚାର ହୋଇଯିବ ଓ ଦୁଇ ଚାରୋଟି ମିଛ ସାକ୍ଷୀ ଦେଇ ନିର୍ଦ୍ଦୋଷ ହୋଇ ଖଲାସ ହୋଇଯିବେ । ଅନ୍ୟଥା ମକଦ୍ଦମାଟି ଅତ୍ୟନ୍ତ ଭୟଙ୍କର ରହିଛି । ତହିଁରୁ ନିସ୍ତାର ମିଳିବାର କୌଣସି ଉପାୟ ଆଉ ନାହିଁ । ମୁକୁଳିବାର ଆଉ କୌଣସି ଉପାୟ ନାହିଁ । କିନ୍ତୁ ମୁଁ ସେମାନଙ୍କୁ ସମସ୍ତଙ୍କୁ ଏହି ଉତ୍ତର ଦେଲି ଯେ, ମୁଁ କୌଣସି ପରିସ୍ଥିତିରେ ବି ସତ୍ୟତାକୁ ପରିତ୍ୟାଗ କରିବାକୁ ଚାହୁଁ ନାହିଁ । ଯାହା ହେବ ଦେଖାଯିବ । ଦେଖାଯାଉ କ'ଣ ହେଉଛି । ମୁଁ କିନ୍ତୁ ମିଛ କହିବି ନାହିଁ । ସେତେବେଳେ ସେହି ଦିନ ଅବା ତା' ଆର ଦିନ ମୋତେ ଏକ ଇଂରେଜ ଅଦାଲତରେ ଉପସ୍ଥାପିତ କରାଗଲା ଏବଂ ମୋ ବିପକ୍ଷରେ ଡାକ ବିଭାଗର ଅଫିସର ସରକାରୀ ମୁଦ୍ଦାଲା (ଦାବିକର୍ତ୍ତା) ଉପସ୍ଥିତ ହେଲା । ସେତେବେଳେ ଅଦାଲତ୍‌ର ବିଚାରପତି ସ୍ୱହସ୍ତରୁ ମୋର ପରିପ୍ରକାଶ (ବୟାନ୍) ଲେଖାଇଲେ ଏବଂ ସର୍ବ ପ୍ରଥମେ ମୋତେ ଏହି ପ୍ରଶ୍ନ କଲେ ଯେ, ମହୋଦୟ ! କ'ଣ ଆପଣ ହିଁ ଏହି ପତ୍ର ପ୍ୟାକେଟ ମଧ୍ୟରେ ରଖିଥିଲେ ଓ କ'ଣ ଏହି ପ୍ୟାକେଟଟି ଆପଣଙ୍କର ଅଟେ କି ? ସେତେବେଳେ ମୁଁ ନିଃଶଙ୍କୋଚ ଉତ୍ତର ଦେଲି ଯେ, ଆଜ୍ଞା । ଜଜ୍ ସାହେବ ! ଏହି ପତ୍ରଟି ହେଉଛି ମୋର ପତ୍ର ଏବଂ ଏହି ପ୍ୟାକେଟ୍‌ଟି ମଧ ମୋର ଅଟେ । ମୁଁ ଉକ୍ତ ପ୍ୟାକେଟ୍ ମଧ୍ୟରେ ଏହି ପତ୍ରଟିକୁ ରଖି ପ୍ରେରଣ କରିଥିଲି । କିନ୍ତୁ ମୁଁ ସରକାରଙ୍କୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ତଥା ମାହାସୁଲ୍‌କୁ କ୍ଷତି ପହଞ୍ଚାଇବା ନିମନ୍ତେ ମନ୍ଦ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟଟି କରି ନାହିଁ, ମୁଁ ସରକାରଙ୍କ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏପରି କାର୍ଯ୍ୟ କରି ନାହିଁ ଯେ, ମୁଁ ଗୋଟିଏ ଡାକ ଟିକଟର ପଇସା ବଞ୍ଚାଇ ନେବି । ବରଂ ମୁଁ ଉକ୍ତ ପତ୍ରକୁ ସେହି ପ୍ରବନ୍ଧ ଠାରୁ ଭିନ୍ନ ବୋଲି ମନେକରୁ ନଥିଲି ଓ ନା ହିଁ ତହିଁରେ କୌଣସି ଦୁଃଖର କଥା ଥିଲା । ମୁଁ ସେହି ପତ୍ରରେ କୌଣସି ବ୍ୟକ୍ତିଗତ କଥା ତ' ଉଲ୍ଲେଖ କରି ନାହିଁ । ଉକ୍ତ କଥାକୁ ଶୁଣିବା ମାତ୍ରେ ଈଶ୍ୱର ସେହି ଇଂରେଜ ବିଚାରପତିଙ୍କ ହୃଦୟକୁ ମୋ ଆଡ଼କୁ ଆକର୍ଷିତ କରିଦେଲେ । ସେହି ବିଚାରପତି ଜଣକ ଇଂରେଜ ବ୍ୟକ୍ତି ଥିଲା ଏବଂ ମୋ ବିରୁଦ୍ଧରେ ଡାକ ବିଭାଗର ଅଫିସର ଚିତ୍କାର କରିଥିଲା ଏବଂ ଲମ୍ବା ଲମ୍ବା ଭାଷଣ ଇଂରାଜୀରେ ଦେଇଥିଲା । ସେହି ଇଂରାଜୀ ଭାଷଣକୁ ଯଦିଓ ମୁଁ ବୁଝିପାରୁ ନଥିଲି କିନ୍ତୁ ଏତିକି ବୁଝୁଥିଲି ଯେ, ସେହି ଅଫିସର ଜଣକ ପ୍ରତ୍ୟେକ ଭାଷଣରେ ପରେ ଯେଉଁ ପ୍ରମାଣ ଉପସ୍ଥାପିତ କରୁଥିଲା ତତ୍ପରେ ଇଂରାଜୀ ଭାଷାରେ ସେହି ବିଚାରପତି ନୋ ନୋ କରି ତା'ର ସମସ୍ତ କଥାକୁ ଖଣ୍ଡନ କରି ଦେଇଥିଲା । ପରିଣାମଦର୍ଶୀ ସେହି ଦାବିକର୍ତ୍ତା ଅଫିସର ଜଣକ ନିଜର ସମସ୍ତ ଯୁକ୍ତି, କାରଣ ବିଚାରପତିଙ୍କ ସମ୍ମୁଖରେ ଉପସ୍ଥାପିତ କରି ସାରିଲା ଏବଂ ନିଜ ମନରେ ଥିବା ସମସ୍ତ କ୍ରୋଧ ବାଷ୍ପ (ରାଗ ଶୁଝି ଦେଲା) ସେତେବେଳେ ବିଚାରପତି ନିର୍ଣ୍ଣୟ ଲେଖିବା ଆଡ଼କୁ ଧ୍ୟାନ ଦେଲେ ଏବଂ ସମ୍ଭବତଃ ସେ ଧାଡ଼ିଏ କିମ୍ବା ଦୁଇ ଧାଡ଼ି ଲେଖି ମୋତ କହିଲେ ଯେ, ମହୋଦୟ ! ଆପଣ ଏବେ ଯାଇ ପାରନ୍ତି । ଏକଥା ଶୁଣି ମୁଁ ଅଦାଲତ୍ କୋଠରୀ ମଧ୍ୟରୁ ବାହାରକୁ ଆସିଲି ଏବଂ ନିଜର ପ୍ରକୃତ ଉପକାକାରୀଙ୍କ କୃତଜ୍ଞତା ଜ୍ଞାପନ କଲି । ଅର୍ଥାତ୍ ଅଲ୍ଲାଃତାଲାଙ୍କର ମୁଁ କୃତଜ୍ଞତା ଜ୍ଞାପନ କଲି । କାରଣ ଅଲ୍ଲାଃତାଲା ମୋତେ ଇଂରେଜ ଅଫିସରଙ୍କ ବିରୁଦ୍ଧରେ ଅନ୍ୟ ଦ୍ୱିତୀୟତଃ ବିଭାଗୀୟ ପ୍ରତିପକ୍ଷ ଇଂରେଜ ଦାବିକର୍ତ୍ତାଙ୍କ ବିରୁଦ୍ଧରେ ମକଦ୍ଦମା ଲଢ଼ିବା ନିମନ୍ତେ ସାମାର୍ଥ୍ୟତା ପ୍ରଦାନ କରି ମୋତେ ଜୟଯୁକ୍ତ କଲେ ଏବଂ ମୋତେ ନିର୍ଦ୍ଦୋଷରେ ଖଲାସ୍ କରିଥିବା ହେତୁ ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କଲି । ମୁଁ ଏହା ଜାଣେ ଯେ, ଅଲ୍ଲାଃତାଲା ମୋତେ ସେତେବେଳେ ସତ୍ୟତା ତଥା ସତ୍ୟନିଷ୍ଠତା ଯୋଗୁଁ ହିଁ ସେହି ବିପତ୍ତିରୁ ଉଦ୍ଧାର କରିଥିଲେ । ମୁଁ ଏହି ଘଟଣାଟିକୁ ସ୍ୱପ୍ନ ମଧ୍ୟରେ ଦେଖିଥିଲି ଯେ, ଜଣେ ବ୍ୟକ୍ତି ମୋର ଟୋପି ଓହ୍ଲାଇବା ନିମନ୍ତେ ମୋ ମୁଣ୍ଡ ଉପରେ ହାତ ମାରିଥିଲା । ମୁଁ ସେହି ବ୍ୟକ୍ତିକୁ କହିବାକୁ ଲାଗିଲି, ହେ ବ୍ୟକ୍ତି ! ତୁମେ ଏ କ'ଣ କରୁଛ ? ସେତେବେଳେ ସେହି ବ୍ୟକ୍ତି ଜଣକ ମୋ ମୁଣ୍ଡରେ ହିଁ ମୋ ଟୋପିକୁ ରହିବାକୁ ଦେଲେ ଏବଂ କହିଲା, ହଉ ହଉ ଠିକ୍ ଅଛି ଠିକ୍ ଅଛି (ମୁଁ କାଢ଼ିବି ନାହିଁ) ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ତୃତୀୟ ଉଦାହରଣ ଉପସ୍ଥାପିତ କରୁଛନ୍ତି ଯେ, ଏହି ଦୁଇଟି ଉଦାହରଣ ବ୍ୟତୀତ ଆଉ ଏକ ଉଦାହରଣ ମଧ ରହିଛି । ତାହା ଏହିକି ଯେ, "ମୋର ପୁତ୍ର ସୁଲ୍‌ତାନ୍ ଅହମଦ ଜଣେ ହିନ୍ଦୁ ବ୍ୟକ୍ତି ଉପରେ ନାଲସ୍ କଲା (ଅର୍ଥାତ୍ ସେହି ହିନ୍ଦୁ ବ୍ୟକ୍ତି ବିରୁଦ୍ଧରେ କେସ୍ କଲେ) । ସେହି ହିନ୍ଦୁ ବ୍ୟକ୍ତି ଜଣକ ଆମ ଜମି ଉପରେ ନିଜର ଘର ନିର୍ମାଣ କରି ନେଇଥିଲା । ତେଣୁ ସୁଲ୍‌ତାନ୍ ଅହମଦର ଏହି ଦାବି ରହିଥିଲା ଯେ, ସେହି ଘରକୁ ଭୂମିସାତ୍ କରିଦିଆଯାଉ । ମକଦ୍ଦମା କ୍ରମେ ଏକ ପ୍ରସଙ୍ଗ ବିରୁଦ୍ଧୀୟ ଘଟଣା (ସମସ୍ୟା) ରହିଥିଲା । ଉକ୍ତ ପ୍ରସଙ୍ଗ ଯୋଗୁଁ ସେହି ମକଦ୍ଦମା ଡିସ୍‌ମିସ୍ ହେବା ଯୋଗ୍ୟ ଥିଲା । ଅତଏବ୍ ସେତେବେଳେ ପ୍ରତିପକ୍ଷ ସୁଯୋଗ ପାଇଁ ମୋର ସାକ୍ଷ୍ୟ ଲେଖାଇ ନେଲା । ସେହି ବ୍ୟକ୍ତି କହିଲା ଯେ, ହଉ ଠିକ୍ ଅଛି ଆମେ ତାଙ୍କୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ସାକ୍ଷୀ କରିନେବା । ମହୋଦୟ ଯାହା କହିବେ ଆମେ ତାହା ହିଁ ସ୍ୱୀକାର କରିନେବା । ମହୋଦୟ ଯାହା କହିବେ ଆମେ ତାହା ମାନିନେବୁ । (ହୁଜୁର୍ ଅ.ସ କହିଲେ,) ମୁଁ ବଟାଲା ଗଲି ଏବଂ ବାବୁ ଫତେହୁଦ୍ଦୀନ୍ ସବ୍ ପୋଷ୍ଟ ମାଷ୍ଟରଙ୍କ ବାସ ଭବନ ଯାହାକି ବଟାଲା ତହସିଲ୍ ପାଖରେ ଅବସ୍ଥିତ ଥିଲା ସେଠାରେ ଅବସ୍ଥାନ କଲି । ମକଦ୍ଦମାଟି ଜଣେ ହିନ୍ଦୁ ନ୍ୟାୟବାଦୀ ବ୍ୟକ୍ତିଙ୍କ ହାତରେ ରହିଥିଲା । ସେହି ବ୍ୟକ୍ତିଙ୍କର ନାଁ ମୋତେ ବର୍ତ୍ତମାନ ମନେ ନାହିଁ । କିନ୍ତୁ ସେହି ବ୍ୟକ୍ତି ଜଣକ ଛୋଟା ବ୍ୟକ୍ତି ମଧ ଥିଲେ । ସେତେବେଳେ ସୁଲ୍‌ତାନ୍ ଅହମଦ ସାହେବଙ୍କ ଓକିଲ ମୋ ପାଖକୁ ଆସିଲା । କାରଣ ବର୍ତ୍ତମାନ ମକଦ୍ଦମାରେ ହାଜର ହେବାର ସମୟ ଅଛି । ଆପଣ କେଉଁ ବୟାନ୍ ଦେବେ ? ମୁଁ (ହ. ମସିହ୍ ମଉଦ୍ ଅ.ସ) କହିଲି, ମୁଁ ତାହା ହିଁ କହିବି ଯାହା ପ୍ରକୃତ ସତ୍ୟ ଅଟେ । ସେତେବେଳେ ସେ କହିଲା କି ତାହାହେଲେ ଆପଣଙ୍କୁ କଚେରୀ ଯିବାକୁ କ'ଣ ବା ଆବଶ୍ୟକତା ରହିଛି, ମୁଁ ଯାଉଛି ପରା ? ତାହାହେଲେ ମକଦ୍ଦମା ଲଢ଼ିବାର ଆବଶ୍ୟକତା ହିଁ ନାହିଁ । ଯଦି ଆପଣ ସତ କହିଦେବେ ତେବେ ଏହି ମକଦ୍ଦମାଟି ସମାପ୍ତ ହୋଇଯିବ ।" ହୁଜୁର୍ ଅ.ସ କୁହନ୍ତି: "ମୁଁ ଫେରି ଯାଉଛି ତାହା ହେଲେ ! କାରଣ ମୁଁ ମକଦ୍ଦମାରୁ ଦୋଷମୁକ୍ତ ହୋଇଯିବି । ତେଣୁ ମୁଁ ସେହି ମକଦ୍ଦମା ନିଜ ହାତରୁ ସତ୍ୟକୁ ସମର୍ଥନ ଜଣାଇବା ଯୋଗୁଁ ନିଜେ ହିଁ ଖରାପ କଲି ଓ ସତ୍ୟ କଥନକୁ ابتغاءمرضات الله ପ୍ରାଧାନ୍ୟ ଦେଇ ଆର୍ଥିକ କ୍ଷତିକୁ ହେୟ ଓ ତୁଚ୍ଛ ବୋଲି ମନେକଲି । ମୁଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତାକୁ ଚାହିଁଲି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଶେଷ ଦୁଇଟି ଉଦାହରଣ ମଧ ଅପ୍ରମାଣ ନୁହେଁ । ପ୍ରଥମ ଘଟଣାର ସାକ୍ଷ୍ୟ ଶେଖ୍ ଅଲୀ ଅହମଦ ଓକିଲ୍ ଗୁର୍ଦାସପୁର ଏବଂ ସର୍ଦ୍ଦାର ମୁହମ୍ମଦ୍ ହୟାତ୍ ଖାନ୍ ସାହେବ ସି.ଏସ୍.ଆଇ ଅଟନ୍ତି ଓ ସେହିପରି ଏକ ମକଦ୍ଦମାର ସାକ୍ଷ୍ୟ ଗୁର୍ଦାସପୁର ଠାରେ ବିଦ୍ୟମାନ ଥିବେ । ଦ୍ୱିତୀୟ ମକଦ୍ଦମାର ସାକ୍ଷ୍ୟ ବାବୁ ଫତେହୁଦ୍ଦୀନ୍ ଏବଂ ସ୍ୱୟଂ ଓକିଲ ଯାହାଙ୍କ ନାମ ମୋତେ ବର୍ତ୍ତମାନ ମନେ ନାହିଁ । ସେହିପରି ନ୍ୟାୟକର୍ତ୍ତା ଯାହାଙ୍କର ଚର୍ଚ୍ଚା ହୋଇ ସାରିଛି, ଯିଏ ବର୍ତ୍ତମାନ ସମ୍ଭବତଃ ଲୁଧିୟାନାକୁ ବଦଳି ହୋଇଯାଇଛନ୍ତି । ସମ୍ଭବତଃ ଉକ୍ତ ମକଦ୍ଦମାକୁ 7 ବର୍ଷ ପାଖାପାଖି ବିତି ଯାଇଛି । ହଁ ହଁ ମନେପଡ଼ିଲା ସେହି ମକଦ୍ଦମାର ଏକ ସାକ୍ଷ୍ୟ ବଟାଲାର ନବୀ ବଖଶ୍ ପଟ୍‌ୱାରୀ ମଧ ଥିଲେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଗକୁ ମଧ ହ. ମସିହ୍ ମଉଦ୍ ଅ.ସ କହୁନ୍ତି ଯେ, "ବର୍ତ୍ତମାନ ହେ ଶ୍ରୀଯୁକ୍ତ ଶେଖ ସାହେବ! ଅର୍ଥାତ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହୁଜୁର ଅ. ମୁହମ୍ମଦ୍ ହୁସେନ୍ ବଟାଲଭୀଙ୍କୁ ସମ୍ବୋଧିତ କରି କୁହନ୍ତି ଯେ, "ହେ ଶ୍ରୀମାନ ମହୋଦୟ ! ଯଦି ଆପଣଙ୍କ ପାଖରେ ବି ଏହି ସ୍ତରୀୟ (ପ୍ରକାରର) ଅଗ୍ନି ପରୀକ୍ଷା ସମ୍ବଳିତ କୌଣସି ଦୃଷ୍ଟାନ୍ତ ରହିଛି ଯହିଁରେ ଆପଣଙ୍କ ଜୀବନ ଏବଂ ମାନ ସମ୍ମାନ, ଖ୍ୟାତୀ, ପ୍ରତିଷ୍ଠା ଓ ଧନ ତଥା ସତ କହିବା ଦ୍ଵାରା କୌଣସି ଆର୍ଥିକ ଅବସ୍ଥାରେ ଅବନତି ଅର୍ଥାତ୍ ଆର୍ଥିକ କ୍ଷତି ଘଟିଥିବ, ଆପଣଙ୍କୁ ସତ୍ୟ ଦୃଶ୍ୟମାନ ହୋଇଥିବ କିମ୍ବା ଆପଣ ସତ୍ୟତାକୁ ହାତଛଡ଼ କରି ନଥିବେ ଏବଂ ଧନ ଓ ଜୀବନ ପ୍ରତି କୌଣସି ଭ୍ରୂକ୍ଷେପେ କରି ନଥିବେ ତେବେ ଅଲ୍ଲାଃତାଲାଙ୍କ ସକାଶେ ଆପଣ ସେହି ସବୁ ଘଟଣାକୁ ସପ୍ରମାଣ ଉପସ୍ଥାପିତ କରନ୍ତୁ । ଅନ୍ୟଥା ମୋର ଏହି ଧର୍ମମତ ରହିଛି ଯେ, ଏହି କାଳର ଅନେକ ମୁଲ୍ଲା ଏବଂ ମୌଲବୀମାନଙ୍କ କେବଳ ବାହାପିଆ ବଡ଼ ବଡ଼ କଥା ଅଟେ । ମୁଲ୍ଲା ଓ ମୌଲବୀମାନେ ଗୋଟିଏ ପଇସାରେ ନିଜର ବିଶ୍ଵାସକୁ ବିକିବାକୁ ପ୍ରସ୍ତୁତ ଅଟନ୍ତି । କାରଣ ଆମର ପ୍ରିୟ ନବି ହ. ମୁହମ୍ମଦ୍ ସ.ଅ ଶେଷ ଯୁଗରେ ମୌଲବୀମାନଙ୍କୁ ଭୂପୃଷ୍ଠ ଉପରେ ସର୍ବ ନିକୃଷ୍ଟ ପ୍ରାଣୀ ବୋଲି ବିବେଚିତ କରିଛନ୍ତି । ଆପଣଙ୍କ (ହୁଜୁର ଅ.ସ ମୁହମ୍ମଦ ହୁସେନ ବଟାଲଭୀଙ୍କୁ ଇଙ୍ଗିତ କରି କହୁଛନ୍ତି) ମୁଜଦ୍ଦିଦ୍ (ଧର୍ମ ସଂସ୍କାରକ) ସ୍ଵର୍ଗତ ନୱାବ୍ ସିଦ୍ଦିକ୍ ହସଲନ୍ ଖାନ୍ ସାହବେ ହିଜକୁଲ୍ କିରାମାରେ ଏକଥା ସ୍ଵୀକାର କରି ସାରିଛନ୍ତି ଯେ, ସେହି ଶେଷ ଯୁଗ ହେଉଛି ଏହି ଯୁଗ । ତେଣୁ ଏପରି ମୌଲବୀମାନଙ୍କର ଧର୍ମନିଷ୍ଠତା ଓ ଧର୍ମପରାୟଣତା ବିନା ପ୍ରମାଣରେ ସ୍ଵୀକାର କରିବା ଦ୍ଵାରା ଆଁହଜରତ୍ ସ.ଅଙ୍କ ଦ୍ଵାରା ବର୍ଣ୍ଣିତ ହଦିସ୍‌କୁ ଅସ୍ଵୀକାର କରିବା ବିଧେୟ ହୋଇଯାଏ । ତେଣୁ ଆପଣ ଦୃଷ୍ଟାନ୍ତ ଉପସ୍ଥାପିତ କରନ୍ତୁ। ଯଦି ଆପଣ ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବେ ନାହିଁ ତେବେ ଏହା ସିଦ୍ଧ ହେବ ଯେ, ଆପଣଙ୍କ ନିକଟରେ କେବଳ ସତ୍ୟ କହିବାର ଦାବି ଓ ଦମ୍ଭୋକ୍ତି ରହିଛି, କିନ୍ତୁ ସେହି ଦାବି ଓ ଦମ୍ଭୋକ୍ତିକୁ ପରୀକ୍ଷା ନକରି ଗ୍ରହଣ ଯୋଗ୍ୟ ହୋଇପାରିବ ନାହିଁ । ଆଭ୍ୟନ୍ତରୀଣ ଅବସ୍ଥା ଆପଣଙ୍କର ଈଶ୍ଵରଙ୍କୁ ଜଣା । କାରଣ ଏକଥା ମୁଁ ଜାଣି ନାହିଁ ଯେ, ଆପଣ ମିଥ୍ୟା ଏବଂ ମିଥ୍ୟାରଚନାର କଳୁଷତା (ଅପବିତ୍ରତା)ରେ ଲିପ୍ତ ଅଛନ୍ତି ଅବା ନୁହେଁ ? ଏକଥା ଅଲ୍ଲାଃତାଲା ହିଁ ଜାଣନ୍ତି ଏବଂ ସେହିମାନଙ୍କୁ ହିଁ ଜ୍ଞାତ (ଜଣା) ଥିବ ଯେଉଁମାନେ ଆପଣଙ୍କ ଅବସ୍ଥା ସହିତ ଅବଗତ ଅଟନ୍ତି । ସୁତରାଂ ଯେଉଁ ବ୍ୟକ୍ତି ପରୀକ୍ଷା ସମୟରେ ସତ୍ୟବାଦୀ ଓ ଅବିଚଳ ସାବ୍ୟସ୍ତ ହୁଏ ଏବଂ ସତ୍ୟକୁ ହାତ ଛଡ଼ା (ପରିତ୍ୟାଗ) କରେ ନାହିଁ ସେହି ବ୍ୟକ୍ତିର ସତ୍ୟବାଦୀତା ଓ ସତ୍ୟ ନିଷ୍ଠତା ଉପରେ ମୋହର ଲାଗିଥାଏ । ଯଦି ଏହି ମୋହର ଆପଣଙ୍କ ପାଖରେ ରହିଛି ତେବେ ଉପସ୍ଥାପିତ କରନ୍ତୁ । ଅନ୍ୟଥା ଅଲ୍ଲାଃତାଲାଙ୍କୁ ଭୟ କରନ୍ତୁ । ଏପରି ନହେଉ ଯେ, ସେ ଅର୍ଥାତ୍ ଅଲ୍ଲାଃତାଲା ଆପଣଙ୍କ ରହସ୍ୟକୁ ଉନ୍ମୋଚିତ କରିଦେବେ ।" **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃ-296-301)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ମକଦ୍ଦମାର ଚର୍ଚ୍ଚା ହେଉଥିଲା ଯେ, ମିର୍ଜା ସୁଲତାନ୍ ଅହମଦ ସାହେବ ଯେଉଁ ପ୍ରତିପକ୍ଷଙ୍କ ଘରକୁ ଭୂମିସାତ୍ କରିବା ନିମନ୍ତେ ଯେଉଁ ଦାବି ରହିଥିଲା ତାହାର ସବିଶେଷ ବିବରଣୀ ମଧ୍ୟ ଆପଣ ଅ.ସ ଉଲ୍ଲେଖ କରିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଜାମ୍ମୁ କାଶ୍ମୀର ରାଜ୍ୟର ସରକାରୀ ପଦବୀର ଅଧିଷ୍ଠିତ ଜଣେ ହିନ୍ଦୁ ଡେପୁଟୀ ସାହେବ ଥିଲେ । ସେ କାଦିୟାନ୍‌ରେ ମସ୍‌ଜିଦେ ଅକ୍‌ସାର ପୂର୍ବ ଦିଗରେ ଅବସ୍ଥିତ ଏକ ଉଚ୍ଚ ଜମି ଉପରେ ଅଧିକାର କରିନେଲା ଏବଂ ଘର ନିର୍ମାଣ କରିନେଲା (ସେହି ସ୍ଥାନରେ ପରବର୍ତ୍ତୀ ସମୟରେ ସଦର୍ ଅଞ୍ଜୁମନ ଅହମଦିୟାର କାର୍ଯ୍ୟାଳୟ ନିର୍ମିତ ହୋଇଥିଲା) । ମିର୍ଜା ସୁଲତାନ୍ ଅହମଦ ସାହେବ ଏହି ଦାବି କରିଥିଲେ ଯେ, ପ୍ରତିପକ୍ଷଙ୍କ ଘରକୁ ଭୂମିସାତ୍ କରି ଦିଆଯାଉ । କିନ୍ତୁ ମକଦ୍ଦମାର କ୍ରମିକତାରେ ଏକ ପ୍ରସଙ୍ଗ ବିପରୀତ ଘଟଣା ମଧ୍ୟ ରହିଥିଲା । ଅତଏବ୍ ଘଟଣା ବିପରୀତ ପ୍ରସଙ୍ଗର ପ୍ରମାଣରେ ସେହି ମକଦ୍ଦମା ଡିସ୍‌ମିସ୍ (Dismiss) ହେଉଥିଲା । ଅତଏବ୍ କ୍ଷତି କେବଳ ମିର୍ଜା ସୁଲତାନ୍ ଅହମଦ ସାହେବଙ୍କର ହେଉ ନଥିଲା ବରଂ ସ୍ଵୟଂ ହ. ମସିହ୍ ମଉଦ୍ ଅ.ସଙ୍କର ମଧ୍ୟ କ୍ଷତି ହେଉଥିଲା । କାରଣ ସେହି ଜମିର ମାଲିକାନା ସତ୍ତ୍ଵାଧିକାରୀତା ଆପଣ ଦୁହେଁ ହରାଉଥିଲେ । ପ୍ରତିପକ୍ଷ ଅର୍ଥାତ୍ ଶଙ୍କର ଦାସର ନିଜର ସେହି ସମ୍ପତ୍ତି ନଥିଲା । କିନ୍ତୁ ସେହି ସମ୍ପତ୍ତି ଉପରେ ସେ ଜବର ଦଖଲ କରି ନେଇଥିଲା । ଆଇନତଃ ହେଉ କିମ୍ବା ବିରୋଧାତ୍ମକତ ଉପାୟରେ ହେଉ ଏହି ଲୋକମାନେ ତା'ରି ଲାଭ ଉଠାଇବାକୁ ଚାହୁଁଥିଲେ ଏବଂ ସେମାନେ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସାକ୍ଷ୍ୟ ଦେବା ନିମନ୍ତେ ଡକାଇଲେ । କାରଣ ହ. ମସିହ୍ ମଉଦ୍ ଅ.ସ ଘୋର ବିରୋଧୀ ହେବା ସତ୍ତ୍ଵେ ମଧ୍ୟ ସେମାନେ ଏକଥା ଜାଣିଥିଲେ ଯେ, ହ. ମିର୍ଜା ସାହେବ ମିଛ କଥା କହିବେ ନାହିଁ । ଆପଣ ଅ.ସ ଅଦାଲତ୍‌ରେ ସେହି ସାକ୍ଷ୍ୟ ତଥା ବିବୃତି (ବୟାନ୍) ଦେବେ ଯେ, ଜବର ଦଖଲ କରିଥିବା ଜମି ଉପରେ ଅଧିକାର ପ୍ରତିପକ୍ଷର ହିଁ ଅଟେ ଏବଂ ଦୀର୍ଘ କାଳ ଧରି ଆମେ ଉକ୍ତ ଜମିକୁ ଦଖଲ କରି ରହୁଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାହା ହିଁ ହେଲା ଯେତେବେଳେ ସାହିବଜାଦା ମିର୍ଜା ସୁଲତାନ୍ ଅହମଦ୍ ସାହେବଙ୍କୁ ଜ୍ଞାତ ହେଲା ଯେ, ପ୍ରତିପକ୍ଷ ବିରୋଧ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସାକ୍ଷ୍ୟ ଦେବା ନିମନ୍ତେ ଡାକିଛି । ସେତେବେଳେ ମିର୍ଜା ସୁଲତାନ୍ ଅହମଦ ସାହେବ ମଧ୍ୟ ଜାଣିଥିଲେ ଯେ, ହୁଜୁର ଅ.ସ କେବେ ବି ମିଛି କହିବେ ନାହିଁ । ତେଣୁ ସେ ମକଦ୍ଦମା ହିଁ ପ୍ରତ୍ୟାହାର କରିନେଲେ ।" **(ହୟାତେ ଅହମଦ୍, ଗ୍ରନ୍ଥଖଣ୍ଡ-2, ପୃ-102-103, ଗ୍ରନ୍ଥଖଣ୍ଡ-3, ପୃ-91, ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-6, ପୃ-42, ପାଦଟୀକା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉଚ୍ଚ ପ୍ରସାଦ ପରି ଦୃଶ୍ୟମାନ ହେଉଥିବା ସେହି ବାସ ଭବନର ମଧ୍ୟ ଏକ ଇତିହାସ ରିହଛି । ତାହା ଏହିକି ଯେ, ସେହି ବାସ ଭବନଟି ଡେପୁଟୀ ଶଙ୍କର ଦାସଙ୍କ ବାସ ଭବନ ରୂପେ ପରିଚିତ ଥିଲା। ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ଶଙ୍କର ଦାସ ଜଣେ ଘୋର ବିଦ୍ଵେଷକାରୀ ଏବଂ ଘୋର ବିରୋଧୀ ବ୍ୟକ୍ତି ଥିଲା । ତା'ର ଏହି ସୁଉଚ୍ଚ ବା ଭବନରୁ ହ. ମସିହ୍ ମଉଦ୍ ଅ.ସଙ୍କ ଘର ଦୃଶ୍ୟମାନ ହେଉଥିଲା ଏବଂ ବେପର୍ଦ୍ଦିଗି (ମହିଳାମାନେ ଦୃଶ୍ୟମାନ ହେଉଥିଲେ) ହେଉଥିଲା । ସେହି ମକଦ୍ଦମା ଲଢ଼ିବାର ଏହା ମଧ୍ୟ ଏକ କାରଣ ରହିଥିଲା । ତା' ବିରୋଧର ଏହି ଅବସ୍ଥା ଥିଲା ଯେ, ନମାଜ୍ ପାଠକାରୀମାନେ ନମାଜ ପାଇଁ ଯେତେବେଳେ ମସ୍‌ଜିଦେ ଅକ୍‌ସାକୁ ଯାଉଥିଲେ ସେତେବେଳେ ଏହି ଡେପୁଟି ଶଙ୍କର ଦାସ ନିଜ ଘରର କବାଟ ସମ୍ମୁଖରେ ବସି ବାଟରେ ଯିବା ଆସିବା କରୁଥିବା ଲୋକମାନଙ୍କୁ ଗାଳି ଗୁଲଚ କରୁଥିଲା । ଏଥି ପାଇଁ ସେ ନାନା ପ୍ରକାରର ଦୁଃଖ, ଯନ୍ତ୍ରଣା ଦାୟକ ପନ୍ଥା ଅବଲମ୍ବନ କରୁଥିଲା । ତା'ର ନିର୍ଯାତନାରୁ ନିର୍ଯାତିତ ଓ ଅତିଷ୍ଟ ହୋଇ ଲୋକମାନେ ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ସମ୍ମୁଖରେ ଅଭିଯୋଗ କରିବା ନିମନ୍ତେ ପହଞ୍ଚିଲେ ସେତେବେଳେ ଆପଣ ଅ.ସ ଅତ୍ୟନ୍ତ ଦୃଢ ସଂପର୍କ ଏବଂ ଉତ୍ସାହର ସହିତ ସେମାନଙ୍କୁ ଉତ୍ସାହିତ କରୁଥିଲେ ଏବଂ କହୁଥିଲେ ଯେ, ହେ ଲୋକମାନେ ! ତୁମେମାନେ ଧୈର୍ଯ୍ୟ ରଖ । ମହାସମ୍ରାଟଙ୍କ କ୍ୟାମ୍ପ (ଶିବିର) ସମ୍ମୁଖରେ କେହି ତିଷ୍ଠି ପାରିବ ନାହିଁ । ଲୋକମାନେ କହିଲେ, ହୁଜୁର୍ ! ସେ ନିଜର ଏକ ଆଡ୍ଡ଼ା ଜମେଇଛି । କିନ୍ତୁ ଆମର କ୍ୟାମ୍ପ ମଧ୍ୟ ଏକ ସମ୍ରାଟଙ୍କର କ୍ୟାମ୍ପ ଅଟେ। ତାହା ଅଲ୍ଲାତାଲାଙ୍କ କ୍ୟାମ୍ପ ଅଟେ । ତାହାଙ୍କ ସମ୍ମୁଖରେ କୌଣସି ବ୍ୟକ୍ତି ତିଷ୍ଠି ପାରିବ ନାହିଁ । ପୁନଶ୍ଚ ଦେଖିବା ଲୋକ ଦେଖିଲେ ଏବଂ ଶୁଣିବା ଲୋକ ଶୁଣିଲେ ମଧ୍ୟ । ଅର୍ଥାତ୍ ଡେପୁଟୀ ସାହେବଙ୍କର ହସୁଥିବା ସୁଖ ସଂସାର ଉଜୁଡ଼ି ଯିବାକୁ ଲାଗିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରିଶେଷରେ ସେ ଅର୍ଥାତ୍ ଡେପୁଟୀ ଶଙ୍କର ଦାସ ମଧ୍ୟ ସେଠାରୁ ଅସୁସ୍ଥ ହୋଇ କିମ୍ବା ଅନ୍ୟ କୌଣସି କାରଣରୁ ସ୍ଥାନ ଛାଡ଼ି ଚାଲିଗଲା। ଅତଏବ୍ ଉକ୍ତ ବାସ ଭବନକୁ ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ କିଣିନେଲେ ଏବଂ 1932 ମସିହାରେ ସେହି ବାସ ଭବନରେ ସଦର୍ ଅଞ୍ଜୁମନ ଅହମଦିୟାର କାର୍ଯ୍ୟାଳୟ ସ୍ଥାପନ ହେଲା । ଉକ୍ତ କାର୍ଯ୍ୟାଳୟର ଶୁଭୋଦ୍‌ଘାଟନ ମଧ୍ୟ ହ. ମୁସ୍‌ଲେହ୍ ମଉଦ୍ ର.ଅ କରିଥିଲେ । ସେ ଯାହା ହେଉ ଅଲ୍ଲାଃତାଲାଙ୍କର ଏହି ଲୀଳା ଓ କୃପା ହେଲା ଯେ, ସେହି ବ୍ୟକ୍ତି ଯିଏ କାଲି ଅତ୍ୟନ୍ତ ଗର୍ବ ଓ ଅହଂକାରପୂର୍ବକ ହୋଇ ନିଜ ଘର ସମ୍ମୁଖ ଦେଇ ମସଜିଦ୍ ଆଡ଼କୁ ଯାଉଥିବା କୌଣସି ବ୍ୟକ୍ତିକୁ ଅତିକ୍ରମ କରିବାକୁ ଦେଉ ନଥିଲା ସେ ଆଜି ଈଶ୍ଵରଙ୍କ ଲୀଳା ତା'ର ନାମ ଏବଂ ଚିହ୍ନ ବର୍ତ୍ତିକୁ ନିଶ୍ଚିହ୍ନ କରି ତା' ଘରକୁ ଏବଂ ସେହି ଅଞ୍ଚଳଟିକୁ ମସ୍‌ଜିଦ୍ କରିଦେଲେ । ଅତଏବ୍ ସେହି ଅଂଶଟି ମସ୍‌ଜିଦେ ଅକ୍‌ସା ଅଟେ । **(ତାରିଖେ ଅହମଦିୟତ୍, ଗ୍ରନ୍ଥଖଣ୍ଡ-2, ପୃ-215, ଗ୍ରନ୍ଥଖଣ୍ଡ-5, ପୃ-298-299, ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-5, ଭାଗ-2, ପୃ-230, ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍, କାଦିୟାନ୍, ସଂଖ୍ୟା-130, ଗ୍ରନ୍ଥଖଣ୍ଡ-19, 1932 ମସିହା, ମେ ମାସ 3 ତାରିଖ, ପୃ-5, ସ୍ତମ୍ଭ-1-2, ମୁଜଦ୍ଦିଦେ ଆଜମ୍, ଭାଗ-1, ପୃ-38, ପାଦଟୀକା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟବାଦୀ ଏବଂ ସତ୍ୟନିଷ୍ଠତା ଉପରେ ଆଧାରିତ ସେହି ସାକ୍ଷ୍ୟକୁ କିଭଳି ଭବ୍ୟ କଲ୍ୟାଣ ପ୍ରାପ୍ତ ହୋଇଛି ଯେ. ଆପଣ ଅ.ସ ନିଜର ବଂଶର ମାନ ସମ୍ମାନ, ଗାରିମା ଓ ମର୍ଯ୍ୟାଦା ବିପକ୍ଷରେ ସତ୍ୟତାକୁ ଯିବାକୁ ଦେଲେ ନାହିଁ । ଅର୍ଥାତ୍ ବଂଶର ମାନ ସମ୍ମାନ, ପ୍ରତିଷ୍ଠା ତଥା ମର୍ଯ୍ୟାଦା ଯାଉଛି ତ' ଯାଉ କିନ୍ତୁ ଆପଣ ଅ.ସ ସତ୍ୟକୁ ହାତ ଛଡ଼ା କଲେ ନାହିଁ। ସେହିପରି ଆପଣ ଅ.ସ ଜମି ଏବଂ ସମ୍ପତ୍ତି ହରାଇବା ପ୍ରତି ଭ୍ରୂକ୍ଷେପ କରୁ ନଥିଲେ। ଅର୍ଥାତ୍ ସ୍ଵହସ୍ତରେ ଆପଣ ଅ.ସ ଏସବୁ ବଳିଦାନ ଦେଇଦେଲେ । କିନ୍ତୁ ଈଶ୍ଵର ସେହି ବଳିଦାନକୁ ଏପରି ଭାବରେ ସ୍ଵୀକାର କଲେ ଏବଂ ମର୍ଯ୍ୟାଦା ଓ କଲ୍ୟାଣ ପ୍ରଦାନ କଲେ ଯେ, ଆଜି ମିନାରତୁଲ୍ ମସିହ୍‌ର ଠିକ୍ ତଳେ ସେହି ଏକେଶ୍ଵରଙ୍କ ଉପାସନା ପୀଠ

---

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: كُونُوا مَعَ الصّٰدِقِينَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ଵାସକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ବିଦ୍ୟମାନ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ସେହି ଓକିଲ ସାହେବଙ୍କ ସଂପର୍କରେ ଯେକି ଉକ୍ତ ମକଦ୍ଦମା ଅନୁକରଣ କରୁଥିଲେ, ବର୍ଣ୍ଣନା କରନ୍ତି ଯେ: "ସେହି କାଳରେ ଅନେକ ମକଦ୍ଦମାରେ ଆପଣ ଅ.ସଙ୍କ ପକ୍ଷରୁ ଗୁର୍ଦାସପୁରର ଶେଖ୍ ଅଲୀ ଅହମଦ ସାହେବ ଅନୁକରଣ କରୁଥିଲେ (ଅର୍ଥାତ୍ କେସ୍ ଲଢୁଥିଲେ) । ଆପଣ ଅ.ସଙ୍କ ପବିତ୍ର ଜୀବନକୁ ଦେଖି ଦାବି କରିବା ପରେ ମଧ୍ୟ ସେ ଅହମଦି ନଥିଲେ । କିନ୍ତୁ ସେ ଆପଣ ଅ.ସଙ୍କ ପ୍ରତି ସୁଧାରଣା ପୋଷଣ କରୁଥିଲେ । ସେ ଆପଣ ଅ.ସଙ୍କୁ କହିଲେ, ମହୋଦୟ ! ଆଉ କୌଣସି ସାକ୍ଷୀ ତ' ନାହିଁ ଏବଂ ପୁନଶ୍ଚ ସେହି ପତ୍ର ଉକ୍ତ ବିଷୟବସ୍ତୁ ସଂପର୍କରେ ରହିଛି । ଅର୍ଥାତ୍ ଯେଉଁଟି ପ୍ରଥମ ଡାକ ସଂପର୍କିତ ମକଦ୍ଦମା ରହିଥିଲା ଉକ୍ତ ପ୍ୟାକେଟର ଥିବା ପତ୍ରକୁ ଇସ୍ତହାରର ହିଁ ଅଂଶ ବୋଲି କୁହା ଯାଇପାରିବ । ତେଣୁ ଆପଣ ମିଛ ନକହି କହିପାରିବେ ଯେ, ମୁଁ ସେହି ଇସ୍ତହାର ପ୍ରେରଣ କରିଥିଲି, ପତ୍ରକୁ ପ୍ରେରଣ କରି ନଥିଲି । କିନ୍ତୁ ଆପଣ ଅ.ସ ଏପରି କରିଥିବାର ଅସ୍ୱୀକାର କରିଦେଲେ ଏବଂ କହିଲେ, ଏପରି ହୋଇ ପାରିବ ନାହିଁ । ସତ୍ୟତାର ଯେଉଁ ସୂକ୍ଷ୍ମତା ରହିଛି ତାହା ବିରୁଦ୍ଧୀୟ ଅଟେ ଯେ, ମୁଁ ସେହି ପ୍ୟାକେଟ୍ ମଧ୍ୟରେ ପତ୍ର ପକାଇଥିଲି । ଅର୍ଥାତ୍ ପତ୍ରଟି ଇସ୍ତହାରରେ ବର୍ଣ୍ଣିତ ଥିବା ବିଷୟବସ୍ତୁର ହିଁ ଅଂଶ ଥିଲା । କିନ୍ତୁ ପତ୍ର ମଧ୍ୟ ଇସ୍ତହାରର ଅଂଶ ଥିଲା । ତେଣୁ ମୁଁ ତ'କହିବି ଯେ, ମୁଁ ସେହି ଇସ୍ତହାର୍‌ର ପ୍ୟାକେଟ୍‌ରେ ପତ୍ର ରଖିଥିଲି। ଯେଉଁ କଥା ମୁଁ କହିଛି ସେକଥାକୁ ମୁଁ ଅସ୍ୱୀକାର କିପରି କରି ପାରିବି ? ସୁତରାଂ ଆପଣ ଅ.ସ ବିଚାରପତି ସମ୍ମୁଖରେ ଯେତେବେଳେ ଉପସ୍ଥିତ ହେଲେ ଏବଂ ଅଦାଲତ୍ (ବିଚାରପତି) ଯେତେବେଳେ ଆପଣ ଅ.ସଙ୍କୁ ପଚାରିଲା ଯେ, ମିର୍ଜା ସାହେବ! ଆପଣ ଅ.ସ ପ୍ୟାକେଟରେ ଉଲ୍ଲିଖିତ ବିଷୟବସ୍ତୁରେ କୌଣସି ପତ୍ର ରଖିଥିଲେ ଅବା ନୁହେଁ? ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, ହଁ ମୁଁ ସେହି ପ୍ୟାକେଟରେ ଉଲ୍ଲିଖିତ ବିଷୟ ବସ୍ତୁ ସହିତ ଏକ ପତ୍ର ମଧ୍ୟ ରଖିଥିଲି । ଅତଏବ୍ ଏହି ସତ୍ୟତାର ପ୍ରଭାବ ଅନ୍ୟମାନଙ୍କ ଉପରେ ତ' ହେବାର ଥିଲା। ତେଣୁ ସ୍ୱୟଂ ବିଚାରପ୍ତିଙ୍କ ଉପରେ ହିଁ ଏହି ସତ୍ୟତାର ଏପରି ପ୍ରଭାବ ହେଲା ଯେ, ସେ (ବିଚାରପତି) ଆପଣ ଅ.ସଙ୍କୁ ଦୋଷମୁକ୍ତ କରିଦେଲା ଏବଂ କହିଲା, ଦୋଷୀ ବିପକ୍ଷରେ ଉପସ୍ଥାପିତ କରାଯାଇଥିବା ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ଦୋଷୀଙ୍କ ବୟାନକୁ ଶୁଣି ଉକ୍ତ ଅଦାଲତ୍ ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ, ଏକ ପାରିଭାଷିକ ଅପରାଧ ସକାଶେ ଏପରି ସତ୍ୟବାଦୀ ବ୍ୟକ୍ତିଙ୍କୁ ଶାସ୍ତି ଦିଆଯାଇ ପାରିବ ନାହିଁ । ତେଣୁ ଏହି ଅଦାଲତ୍ ମହୋଦୟଙ୍କୁ ନିର୍ଦ୍ଦୋଷରେ ଖଲାସ୍ କରୁଛି ।"

**(ଖୁତ୍‌ବାତେ ମେହମୁଦ୍, ଗ୍ରନ୍ଥଖଣ୍ଡ-17, ପୃ-543)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଡାକ ସଂପର୍କିତ ସେହି ମକଦ୍ଦମାର ଓକିଲର ଚର୍ଚ୍ଚା କରି ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ସ୍ୱୟଂ କହିଲେ, ବର୍ତ୍ତମାନ ଓକିଲର ନିଜସ୍ୱ ବିବୃତ୍ତି ରହିଛି ତାହା ସେ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅଙ୍କୁ ଦେଇଛି ଏବଂ ସେହି ମକଦ୍ଦମାର ଘଟଣା ସଂପର୍କରେ ବର୍ଣ୍ଣନା କରିଛି । ସେ କହିଲେ, ଉକ୍ତ ମକଦ୍ଦମା ଶେଷ ଥର ପାଇଁ ଦିନା ନଗର୍ ନାମକ ସ୍ଥାନରେ ଉପସ୍ଥାପିତ ହୋଇଥିଲା ଏବଂ ମୁଁ ଓ ପ୍ରତ୍ୟେକ ବ୍ୟକ୍ତି ଏହା ଚାହିଁଲୁ କି ମିର୍ଜା ସାହେବ ପ୍ୟାକେଟ୍ ମଧ୍ୟରେ ଥିବା ପତ୍ର ସଂପର୍କରେ ଅସ୍ୱୀକାର କରି ଦିଅନ୍ତୁ ଯେ, ଆପଣ ଅ.ସ ସେହି ପ୍ୟାକେଟରେ ପତ୍ର ରଖି ନାହାନ୍ତି । ମୋ ନିକଟରେ ଏହାର କୌଣସି ପ୍ରମାଣ ହୋଇପାରି ନଥାଆନ୍ତା ଯେ, ସେହି ପତ୍ରଟି ସେହି ପ୍ୟାକେଟ ମଧ୍ୟରୁ ବାହାରିଥିଲା (ଜବତ୍ ହୋଇଥିଲା) ଏବଂ ଭିନ୍ନ ମତ ହେବା ଯୋଗୁଁ ସେଥି ସଂପର୍କରେ ବଳିଷ୍ଠ ପ୍ରମାଣ ନଥିଲା । ସ୍ୱୟଂ ରଲିୟା ରାମଙ୍କ ସାକ୍ଷ୍ୟ ସ୍ୱୀକାର୍ଯ୍ୟ ଯୋଗ୍ୟ ନଥିଲା । ଯେଭଳି ମୁଁ ହଠ କରୁଥିଲି ସେହିପରି ମିର୍ଜା ସାହେବ ଅସ୍ୱୀକାର କରୁଥିଲେ । ମୁଁ ତାଙ୍କୁ ପ୍ରତ୍ୟେକ ପାର୍ଶ୍ୱରୁ ଡରାଇଲି ଯେ, ଆଜ୍ଞା ପରିଣାମ ଭଲ ହେବ ନାହିଁ ଏବଂ ଅଯଥାରେ ଜଣେ ପ୍ରତିଷ୍ଠିତ ବଂଶ ଫୌଜଦାରୀ ମକଦ୍ଦମାରେ ଶାସ୍ତି ପାଇବ ଓ ଆପଣଙ୍କ ଉପରେ କଳଙ୍କ ଲାଗିଯିବ । ବର୍ତ୍ତମାନ ସମସ୍ତ ସାକ୍ଷ୍ୟ ଏବଂ ପ୍ରସଙ୍ଗ ଆପଣଙ୍କ ବିରୁଦ୍ଧରେ ଯାଉଛି । କିନ୍ତୁ ଓକିଲ ସାହେବ କୁହନ୍ତି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମୋ କଥା ମାନିଲେ ନାହିଁ । ଆପଣ ଅ.ସ ସତ ହିଁ କହିଲେ । ମୁଁ ଏହା ଭାବି ମକଦ୍ଦମା ଲଢୁଥିଲି ଯେ, ଆପଣ ଅ.ସଙ୍କ ବଂଶ ଏକ ସମ୍ମାନିତ ଏବଂ ପ୍ରତିଷ୍ଠିତ ବଂଶ ଅଟେ । ଯଦି ମୋର ଅନୁକରଣତ୍ୱରେ ଆପଣ ଅ.ସଙ୍କ ବଂଶ ଓ ମୁଁ ଯଦି (କେସ୍) ମକଦ୍ଦମା ହାରିଗଲା ତେବେ ଆପଣ ଅ.ସଙ୍କ ବଂଶରେ ବଦ୍‌ନାମୀର କଳଙ୍କ ଲାଗିଯିବ । ସେଇଥି ପାଇଁ ହ. ମିର୍ଜା ସାହେବଙ୍କ ଅସ୍ୱୀକାର ନକରିବାର ହଠତାରୁ ଲାଭ ଉଠାଇ ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲି ଯେ, ଆପଣ କହିବେ ଯେ, ଆପଣ ପ୍ୟାକେଟ୍ ମଧ୍ୟରେ ପତ୍ର ରଖି ନାହାନ୍ତି । ତେବେ ଓକିଲ୍ ସାହେବ କୁହନ୍ତି ଯେ, ପୁନଶ୍ଚ ମୁଁ ତହିଁରୁ ଲାଭ ଉଠାଇ କହିଲି ଯେ, ମହୋଦୟ (ମିର୍ଜା ସାହେବ) ! ଆପଣ ଯଦି ମୋ କଥା ମାନୁ ନାହାନ୍ତି ତେବେ ମୁଁ ଆପଣଙ୍କ ମକଦ୍ଦମା ଲଢିବି ନାହିଁ । ପୁନଶ୍ଚ ମୁଁ ଆପଣଙ୍କ ଓକିଲାତି ମଧ୍ୟ କରି ପାରିବି ନାହିଁ । ମୋର ଏହି ଧାରଣା ରହିଥିଲା ଯେ, ଆପଣ ଅ.ସଙ୍କୁ ମକଦ୍ଦମାରେ ଶାସ୍ତି ମିଳିବ, ଆପଣ ଦୋଷୀ ସାବ୍ୟସ୍ତ ହେବେ ଓ ଆପଣ ଅ.ସଙ୍କ ଉପରେ ଦୋଷ (କଳଙ୍କ) ସିଦ୍ଧ ହୋଇଯିବ ଯେ, ଓକିଲଙ୍କ ପରାମର୍ଶ ବିରୁଦ୍ଧରେ କାମ କରିବା ଦ୍ୱାରା ଏହିପରି ହିଁ ପରିଣାମ ହୁଏ । ଓକିଲ୍ ସାହେବଙ୍କୁ ଏହା ମଧ୍ୟ ବିଶ୍ୱାସ ଥିଲା ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ ଦଣ୍ଡ ମିଳିବ । ଯଦି ଆପଣ ଅ.ସଙ୍କୁ ଦଣ୍ଡ ମିଳେ ତେବେ ଲୋକମାନେ କହିବେ ଯେ, ସେହି ଓକିଲଟି କେମିତିଆ ଓକିଲ ଯେ, ସେ ମକଦ୍ଦମାକୁ ସଠିକ୍ ଢଙ୍ଗରେ ଉପସ୍ଥାପିତ କରି ପାରିଲା ନାହିଁ । ଅର୍ଥାତ୍ ସଠିକ୍ ଭାବରେ କେସ୍ ଲଢି ପାରିଲା ନାହିଁ । ମୁଁ କହିଲି, ଠିକ୍ ଅଛି ତାହାହେଲେ ମୁଁ ବିଚାରପତିଙ୍କ ସମ୍ମୁଖରେ ଉପସ୍ଥିତ ହିଁ ହେବି ନାହିଁ । ଓକିଲ୍ ମହୋଦୟ କୁହନ୍ତି ଯେ, ନିଜର ବଦ୍‌ନାମୀ (ଅପଖ୍ୟାତି) ହୋଇଯିବାର ଭୟ ଯୋଗୁଁ ଏପରି ରୁଷ୍ଟତା ଭାବ ବ୍ୟକ୍ତ କରି ମୁଁ ମକଦ୍ଦମା ସମୟରେ ଉପସ୍ଥାପିତ (ହାଜର୍) ହେଲି ନାହିଁ । ମୋର ଅନୁପସ୍ଥିତିରେ ମକଦ୍ଦମା ଅଦାଲତ୍‌ରେ ଉପସ୍ଥାପିତ ହେଲ । କିନ୍ତୁ ଓକିଲ୍ ସାହେବ ସ୍ୱୟଂ କୁହନ୍ତି ଯେ, ଯେତେବେଳେ ମକଦ୍ଦମା ଖାରଜ ହୋଇଗଲା ସେତେବେଳେ ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ! ପୁନଶ୍ଚ ମୁଁ ଅନୁତପ୍ତ ହେଲି ଯେ, ମୁଁ ମାଗଣାରେ ସଫଳତାର ଅଧିକାରୀ ହୋଇଥାଆନ୍ତି । କିନ୍ତୁ ବର୍ତ୍ତମାନ ସମୟ ଅତିବାହିତ ହୋଇଯାଇଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଶେଖ୍ ଅଲୀ ଅହମଦ୍ ସାହେବ ଉକ୍ତ ଘଟଣାକୁ ବର୍ଣ୍ଣନା କରିବା ସମୟରେ ହ. ସାହେବଙ୍କ ନିୟମିତ ସ୍ୱଭାବ (ମନୋଦଶା)ର ଭୂୟସୀ ପ୍ରଶଂସା କରୁଥିଲେ । ତାଙ୍କ ବଂଶର ସଂପର୍କ ଏହି ବଂଶ ସହିତ ମୃତ୍ୟୁ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିଲା ଏବଂ ହ. ମସିହ୍ ମଉଦ୍ ଅ.ସ ସାଧାରଣତଃ ପ୍ରତ୍ୟେକ ମକଦ୍ଦମାରେ ତାଙ୍କ ଠାରୁ ପରାମର୍ଶ ନେବାକୁ ପସନ୍ଦ (ଭଲ ପାଉଥିଲେ) କରୁଥିଲେ ଏବଂ ତାଙ୍କୁ ସମ୍ମାନ ଜଣାଉଥିଲେ । **(ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-1, ଭାଗ-3, ପୃ-363-364)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି ନାନା ପ୍ରକାରର ମକଦ୍ଦମାର ଚର୍ଚ୍ଚା କରି ହ. ଶେଖ୍ ନୁର୍ ଅହମଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "ମୋର ପିତାଶ୍ରୀ ମହୋଦୟ ଏବଂ ବଡ଼ ବାପା ସାହେବଙ୍କ ଚର୍ଚ୍ଚା କରୁଥିଲେ ଯେ, ଆମର ଗ୍ରାମ ମିର୍ଜା ସାହେବଙ୍କ ତାଲୁକଦାରୀରେ ଥିଲା । କିଛି କାଳ ହୁଜୁର୍ ଅ.ସ ନିଜ ପିତାଶ୍ରୀଙ୍କ ଅଧୀନରେ ରହିଲେ, ଏବଂ ଆମ ସହିତ ଅନେକ ମକଦ୍ଦମାରେ ଅଦାଲତ୍‌ରେ ଯିବାକୁ ପଡ଼ିଥିଲା । ସେ ପଛେ ଯେତେ କ୍ଷତି ହୋଇଯାଉ ନା କାହିଁକି ଆପଣ ଅ.ସ ସର୍ବଦା ସତ୍ୟତାର ପକ୍ଷ ହିଁ ଅବଲମ୍ବନ କରୁଥିଲେ । ଅତଏବ୍ ସତ୍ୟତାକୁ ଆଦୌ ହାତ ଛଡ଼ା କରୁ ନଥିଲେ ଓ ମିଥ୍ୟାକୁ ପାଖକୁ ମଧ୍ୟ ଆସିବାକୁ ଦେଉ ନଥିଲେ ।"

**(ସିରତ୍ ଅହମଦ, ଲେଖକ- କୁଦ୍‌ରତୁଲ୍ଲାଃ ସନୱରୀ ସାହେବ ର.ଅ, ପୃ-63)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିୟାଁ ଅଲ୍ଲାଃ ୟାର୍ ସାହେବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ହ. ମସିହ୍ ମଉଦ୍ ଅ.ସଙ୍କ ବୟସ ଯେତେବେଳେ 25, 30 ବର୍ଷ ହୋଇଥିଲା ସେତେବେଳେ ଆପଣ ଅ.ସଙ୍କ ପିତାଶ୍ରୀ ନିଜର ପିତୃ ପିତାମହଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ବୃକ୍ଷ କାଟିବା ଯୋଗୁଁ (କେନ୍ଦ୍ର କରି) ଏକ ବିବାଦ ସୃଷ୍ଟି ହୋଇଗଲା । ଆପଣ ଅ.ସଙ୍କ ପିତାଶ୍ରୀଙ୍କ ଦୃଷ୍ଟିକୋଣ ଏହା ଥିଲା ଯେ, ଯେହେତୁ ଜମିର୍ ମାଲିକ ଆମେ ଅଟୁ ତେଣୁ ସେହି ହିସାବରେ ବୃକ୍ଷ ଉପରେ ମଧ୍ୟ ଆମମାନଙ୍କର ଅଧିକାର ରହିଛି । ଅତଏବ୍ ସେ ଉତ୍ତରାଧିକାରୀ ଅଂଶୀଦାରମାନଙ୍କ ଉପରେ ମକଦ୍ଦମା କରିଦେଲେ ଏବଂ ହୁଜୁର୍ ଅ.ସଙ୍କୁ ମକଦ୍ଦମା ନିମନ୍ତେ ଗୁର୍ଦାସପୁର ପ୍ରେରଣ କଲେ । ଆପଣ ଅ.ସଙ୍କ ସାଙ୍ଗରେ ସାକ୍ଷୀମାନେ ମଧ୍ୟ ରହିଥିଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ କେନାଲ୍ ମଧ୍ୟ ଦେଇ ଅତିକ୍ରମ କରି ପଥନା ନିୱାଲା ଗ୍ରାମରେ ପହଞ୍ଚିଲେ ସେତେବେଳେ ବାଟରେ ଟିକେ ବିଶ୍ରାମ ନିମନ୍ତେ ବସି ପଡ଼ିଲେ ଏବଂ ସାଥିମାନଙ୍କୁ ସମ୍ବୋଧିତ କରି କହିଲେ, ପିତାଶ୍ରୀ ଅଯଥାରେ ବାଧ କରୁଛନ୍ତି । ବୃକ୍ଷ ମଧ୍ୟ କୃଷି କ୍ଷେତ୍ର ପରି ହୋଇଥାଏ । ଏମାନେ ଗରିବ ଲୋକ ଅଟନ୍ତି, ଯଦି ଗଛ କାଟିନେଲେ ତେବେ କିଛି ଅସୁବିଧା ଓ ସମସ୍ୟା ହେଲା ନାହିଁ ? ସେ ଯାହା ହେଉ ମୁଁ ତ' ଅଦାଲତ୍‌ରେ ଏହା କହି ପାରିବି ନାହିଁ ଯେ, ବୃକ୍ଷଟି ସଂପୂର୍ଣ୍ଣ ରୂପେ ଆମର ଅଟେ । ହଁ ଆମର ଭାଗ ହୋଇପାରେ । ଅଂଶୀଦାର ଉତ୍ତରାଧିକାରୀମାନଙ୍କ ଉପରେ ମଧ୍ୟ ଆପଣ ଅ.ସଙ୍କର ଅଗାଧ ବିଶ୍ୱାସ ରହିଥିଲା । ସୁତରାଂ ଯେତେବେଳେ ମାଜିଷ୍ଟ୍ରେଟ୍ ମହୋଦୟ ଉତ୍ତରାଧିକାରୀମାନଙ୍କ ଠାରୁ ଯିଏ ତାଙ୍କର କାମ କଲାବାଲାଙ୍କ ପିତାମହ କୃଷକ ପିଢୀ ଧରି ଚାଲି ଆସୁଥିଲେ, ପ୍ରକୃତ ପ୍ରସଙ୍ଗ ସଂପର୍କରେ ପଚାରିଲେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସେତେବେଳେ ସେମାନେ ସହସା ଉତ୍ତର ଦେଲେ ଯେ, ସ୍ୱୟଂ ମିର୍ଜା ସାହେବଙ୍କ ଠାରୁ ପଚାରି ନିଅନ୍ତୁ । ଅର୍ଥାତ୍ ଜମି ନେଇଥିବା ଯେଉଁ କୃଷକମାନେ ରହିଥିଲେ ସେମାନେ କହିଲେ, ଆମକୁ କ'ଣ ପଚାରୁଛନ୍ତି ତାଙ୍କୁ ଅର୍ଥାତ୍ ମିର୍ଜା ସାହେବଙ୍କୁ ସ୍ୱୟଂ ହିଁ ପଚାରି ନିଅନ୍ତୁ । ଆମମାନଙ୍କୁ ଜଣା ମିର୍ଜା ସାହେବ ମିଛ କଥା କହିବେ ନାହିଁ । ସୁତରାଂ ମାଜିଷ୍ଟ୍ରେଟ୍ ସାହେବ ହୁଜୁର୍ ଅ.ସଙ୍କୁ ପଚାରିଲେ, ହୁଜୁର ଅ.ସ କହିଲେ, ମୋ ନିକଟରେ ବୃକ୍ଷ ଚାଷ ଜମି ପରି ଅଟନ୍ତି । ଯେପରି କୃଷି କ୍ଷେତ୍ର ଆମମାନଙ୍କର ଅଂଶ ଅଟେ ଠିକ୍ ସେହିପରି ବୃକ୍ଷ ମଧ୍ୟ ଆମମାନଙ୍କର ଅଂଶ ଅଟେ । ସୁତରାଂ ଆପଣ ଅ.ସଙ୍କ ଉକ୍ତ ବିବୃତ୍ତି ଉପରେ ମାଜିଷ୍ଟ୍ରେଟ୍ ଅଂଶୀଦାର ଉତ୍ତରାଧିକାରୀମାନଙ୍କ ସପକ୍ଷରେ ରାୟ ଦେଇଦେଲେ । ଏତଦ୍‌ପରେ ଯେତେବେଳେ ହୁଜୁର୍ ଅ.ସ କାଦିୟାନ୍ ଫେରିଲେ ସେତେବେଳେ ହ. ମିର୍ଜା ଗୁଲାମ୍ ମୁର୍ତଜା ସାହେବ ଆପଣ ଅ.ସଙ୍କ ସହିତ ଯାଇଥିବା ଲୋକମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ପଚାରିଲେ ଆରେ ! ଅଦାଲତରେ କ'ଣ ନିର୍ଣ୍ଣୟ ହେଲା ? ସେ କହିଲା, ଆଜ୍ଞା ମୁଁ ତ' ବାହାରେ ଥିଲି, ମିର୍ଜା ସାହେବ ଭିତରକୁ ଯାଇଥିଲେ । ତାଙ୍କୁ ପଚାରିଲେ ହିଁ ଆପଣ ଜାଣିପାରିବେ । ଫଳତଃ ହ. ମସିହ୍ ମସିହ୍ ମଉଦ୍ ଅ.ସଙ୍କୁ ଡକାଗଲା । ହୁଜୁର୍ ଅ.ସ ସମସ୍ତ ନ୍ୟୁନାଧିକ ବୃତ୍ତାନ୍ତ ବର୍ଣ୍ଣନା କରିଦେଲେ । ସେହି ବୃତ୍ତାନ୍ତକୁ ଶୁଣି ଆପଣ ଅ.ସଙ୍କ ପିତାଶ୍ରୀ ମହୋଦୟ ଅତ୍ୟନ୍ତ କ୍ଷୁବ୍ଧ ଓ ରୁଷ୍ଟ ହେଲେ ।

**(ତାରିଖେ ଅହମଦିୟତ୍, ଗ୍ରନ୍ଥଖଣ୍ଡ-1, ପୃ-72-73, 78ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା, ସତ୍ୟବାଦୀତା ସଂକ୍ରାନ୍ତରେ ଉପସ୍ଥାପିତ ହୋଇଥିବା ପ୍ରାମାଣ୍ୟମାନ ମଧ୍ୟରୁ କେତେକ ଘଟଣାବଳୀ ମୁଁ ଏଠାରେ ଉପସ୍ଥାପିତ କରିଛି । ଗୋଟିଏ ଘଟଣାଟି କେବଳ ବିସ୍ତୃତ ରୂପେ ବର୍ଣ୍ଣନା କରାଗଲା, ଯହିଁରେ ଏକ ଭୁଲ୍ ପ୍ରକାରର ମୌଲବୀର ଆପଣ ଅ.ସଙ୍କ ଉପରେ ଆରୋପର ପ୍ରସଙ୍ଗ ଆପଣ ଅ.ସ ବିସ୍ତୃତ ରୂପେ ବର୍ଣ୍ଣନା କରିଛନ୍ତି । ସେ ଯାହା ହେଉ ଆପଣ ଅ.ସ ସର୍ବଦା ସତ୍ୟତାକୁ ହିଁ ପ୍ରାଧାନ୍ୟ ଦେଇଛନ୍ତି ଏବଂ ମିଥ୍ୟା ପାଖକୁ କେବେ ବି ଗଲେ ନାହିଁ । ଏଥି ନିମନ୍ତେ ଆପଣ ଅ.ସ ସର୍ବଦା ନିଜର ଅନୁଗାମୀମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିଛନ୍ତି ଯେ, ସେମାନେ ମଧ୍ୟ ମିଛ କହିବେ ନାହିଁ । ସର୍ବଦା ସତ୍ୟତାକୁ ଅବଲମ୍ବନ କରିବେ ଓ ସତ୍ୟତା ଉପରେ ଅବିଚଳତା ପ୍ରଦର୍ଶନ କରିବେ । କେବେଳେ ସେତିକି ନୁହେଁ ବରଂ ଦଶ୍ ଶରାଏତେ ବୈଅତ୍‌ରେ ମଧ୍ୟ ଏକଥା ଉଲ୍ଲେଖ ରହିଛି ଯେ, ଆମେମାନେ ମିଥ୍ୟାକୁ ଘୃଣା କରିବୁ ଓ ସତ୍ୟତା ଉପରେ ଅବିଚଳ ଓ ପ୍ରତିଷ୍ଠିତ ରହିବୁ । **(ମଜ୍‌ମୁଆ ଇସ୍ତହାରାତ୍, ଗ୍ରନ୍ଥଖଣ୍ଡ-1, ପୃ-206, ସଂସ୍କରଣ ବର୍ଷ 2019 ମସିହାରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ସତ୍ୟତାର ସେହି ସୁଗଣକୁ ନିଜର ବିଶେଷ ପ୍ରତୀକ ରୂପେ ସ୍ୱୀକାର କରିବା ଉଚିତ୍ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 22 ମେ 2026 ମସିହା, ପୃ-2-6)**

☆☆☆

**ବିଗତ ସଂଖ୍ୟା-24,ପୃ-9ରେ ବର୍ଣ୍ଣିତ ଖୁତ୍‌ବା ଜୁମା 24-4-26ରେ ଅବଶିଷ୍ଟାଂଶ...**

**ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଗୁଜବ୍ ପ୍ରଚାରକାରୀ ଏବଂ ଲୋକମାନଙ୍କ ସଂପର୍କରେ ଭୁଲ୍ କଥା କହିଲା ବାଲା (ଭୁଲ୍ ମନ୍ତବ୍ୟ ପ୍ରଦାନକାରୀ) ବ୍ୟକ୍ତି:**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କେତେକ ଲୋକ କଥା କେବଳ ନିଜ ତୁଣ୍ଡର ସ୍ୱାଦ ସକାଶେ କିମ୍ବା ମଜା ନେବା ପାଇଁ କହିଥାଆନ୍ତି ତ' ଆଉ କେତେକ ଲୋକ କୌଣସି ବ୍ୟକ୍ତିକୁ ସମାଜରେ ବଦ୍‌ନାମ୍ କରିବା ନିମନ୍ତେ ମଧ୍ୟ କଥା କହିଥାଆନ୍ତି । ସେମାନେ ଯେକୌଣସି ମତେ ଅନ୍ୟ ବ୍ୟକ୍ତିର ଅନିଷ୍ଟ ସାଧନ ନିମନ୍ତେ କଥା କହିଥାଆନ୍ତି । ତେଣୁ ଏପରି ଲୋକମାନଙ୍କୁ ସବୁବେଳେ ମନେରଖିବା ଉ୍ଚିତ୍ ଯେ, ଏମାନଙ୍କୁ ଦଣ୍ଡିତ କରିବା ଉଚିତ୍ । ଏଥି ନିମନ୍ତେ ଅଲ୍ଲାଃତାଲା ସେମାନଙ୍କୁ ଧର ପକଡ଼ କରିଥାଆନ୍ତି ଓ ସେମାନଙ୍କୁ ଶାସ୍ତି ପ୍ରଦାନ କରିଥାଆନ୍ତି । ଅତଏବ୍ ଏହା ଅତ୍ୟନ୍ତ ଭୟପ୍ରଦ ଅବସ୍ଥା ଅଟେ ଏବଂ ଅଧିକ ଇସ୍ତିଗଫାର୍ (କ୍ଷମା ଯାଚନା) କରିବାର ଆବଶ୍ୟକତା ରହିଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅବ୍‌ଦୁଲ୍ଲାଃଲ ବିନ୍ ହାରିସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଉକ୍ତ ବର୍ଣ୍ଣନାଟି ହକିମ୍ ବିନ୍ ହିଜାମ୍ ର.ଅଙ୍କୁ ଶୁଣାଇଲେ । ସେ କହିଲେ, ରସୁଲୁଲ୍ଲାଃ ସ.ଅ କହିଲେ, "କ୍ରେତା ଓ ବିକ୍ରେତା ଉଭୟ କ୍ରୟ ବିକ୍ରୟକୁ ରଦ୍ଦ (ଭଙ୍ଗ) କରିଦେବାର ଅଧିକାର ରହିଛି। ଅର୍ଥାତ୍ ଯେତେବେଳେ ପର୍ଯ୍ୟନ୍ତ କ୍ରେତା ଓ ବିକ୍ରେତା ପରସ୍ପର ଠାରୁ ବିଛିନ୍ନ ହୋଇଯାଇ ନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ଯେଉଁ ବସ୍ତୁ ବା ସାମଗ୍ରୀ ରହିଛି ତାହାକୁ ସମାପ୍ତ କରିଦେବାର ଅଧିକାର ଦୁହିଁଙ୍କର ରହିଛି । ଅର୍ଥାତ୍ ଯେତେବେଳେ ସେମାନେ ଏକତ୍ରିତ ଅଟନ୍ତି ସେତେବେଳେ ପର୍ଯ୍ୟନ୍ତ ସେମାନଙ୍କ ପାଖରେ ଏହି ଅଧିକାର ରହିଥାଏ । କିନ୍ତୁ ଯେତେବେଳେ ସେମାନେ ପୃଥକ ହୋଇଯିବେ ସେତେବେଳେ ସେମାନଙ୍କ ନିକଟରେ ଆଉ ଏହି ଅଧିକାର ରହିବ ନାହିଁ। ଯଦି କ୍ରେତା ଓ ବିକ୍ରେତା ସତ୍ୟତାକୁ ବିନିଯୋଗ କଲେ ଏବଂ ସ୍ୱଚ୍ଛତା ଓ ସ୍ୱଷ୍ଟ କଥା କହିଲେ ସେତେବଳେ ଦୁହିଁଙ୍କର କିଣାବିକାର ସେମାନଙ୍କ ସକାଶେ କଲ୍ୟାଣ ସାବ୍ୟସ୍ତ ହୋଇଯିବ । କିନ୍ତୁ ଯେତେବେଳେ ସେମାନେ ଦୁହେଁ କୌଣସି ପ୍ରସଙ୍ଗକୁ ଲୁଚାଇଲେ ଏବଂ ମିଛ କଥା କହିଲେ, ତେବେ ସେମାନଙ୍କ କିଣିବିକାର କଲ୍ୟାଣ ସମାପ୍ତ ହୋଇଯିବ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ବୁୟୁ, ବାବ୍-ଇଜା ବୈଇୟନଲ୍ ବୈଇଆନି ୱଲମ୍ ୟକ୍‌ତୁମା ୱ ନସ୍‌ହା, ଅନୁବାଦକ, ଗ୍ରନ୍ଥଖଣ୍ଡ-4, ପୃ-38-39, ହଦିସ୍ ନଂ-2079, ପ୍ରକାଶକ, ନଜାରତ୍ ନଶ୍ରୋ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନେକ ବାଣିଜ୍ୟିକ ଓ ବ୍ୟବସାୟିକ କଳହ ମିଛ ଉପରେ ଆଧାରିତ କଥା ଯୋଗୁଁ ହୋଇଥାଏ । ପୁନଶ୍ଚ ଅଲ୍ଲାଃତାଲା ଏପରି ଲୋକମାଙ୍କ କଥା ଏବଂ ବାଣିଜ୍ୟରେ କଲ୍ୟାଣ ସୃଷ୍ଟି କରନ୍ତି ନାହିଁ । ସଂସାରରେ ତ' ଯେଉଁ କ୍ଷତି ସହ୍ୟ କରିବାର ଥିଲା ସେମାନେ କ୍ଷତି ସହ୍ୟ କରିଥାଆନ୍ତି । କିନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ ମଧ୍ୟ ସେମାନେ ପାପୀ ବିବେଚିତ ହୁଅନ୍ତି ଓ ଶାସ୍ତି ପାଇଥାଆନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଯେତେବେଳେ କୌଣସି ଭକ୍ତ ବା ବ୍ୟକ୍ତି ମିଛ କଥା କହିଥାଏ ସେତେବେଳେ ଈଶ୍ୱରଦୂତ ମିଛର ଦୁର୍ଗନ୍ଧ ଯୋଗୁଁ ସେହି ବ୍ୟକ୍ତି ବା ଭକ୍ତ ଠାରୁ ଏକ ମାଇଲ୍ ଦୁରେଇ ଯାଇଥାଆନ୍ତି । ଅର୍ଥାତ୍ ବ୍ୟକ୍ତି ଯେଉଁ ମିଛ କଥା କହିଥିଲା ସେହି ମିଛ କଥାର ଦୁର୍ଗନ୍ଧ ଯୋଗୁଁ ଈଶ୍ୱରଦୂତମାନେ ଉକ୍ତ ବ୍ୟକ୍ତି ବା ଭକ୍ତ ଠାରୁ ଏକ ମାଇଲ୍ ଦୁରେଇ ଯାଇଥାଆନ୍ତି। **(ଯାମେ ତିର୍ମିଜି, କିତାବୁଲ୍ ବିର୍‌ରି ୱସ୍ ସିଲତି, ବାବ୍- ମା ଯାଆ ଫିସ୍ ସିଦକି ୱଲ୍ କିଜ୍‌ବି, ହଦିସ୍ ନଂ-1972 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଶସ୍ୟର ଏକ ଗଦା ପାଖରେ ଯେତେବେଳେ ପହଞ୍ଚିଲେ ଓ ଆପଣ ସ.ଅ ନିଜର ହସ୍ତ ସେହି ଶସ୍ୟ ଗଦା ମଧ୍ୟରେ ଯେତେବେଳେ ପକାଇଲେ ସେତେବେଳେ ଆପଣ ସ.ଅଙ୍କ ଆଙ୍ଗୁଠିରେ ଆର୍ଦ୍ରତା ବାଜିଲା ଏବଂ ଆଙ୍ଗୁଠି ଓଦା ହୋଇଗଲା । ଆପଣ ସ.ଅ ଜାଣିନେଲେ ଶସ୍ୟ ମଧ୍ୟରେ ଆର୍ଦ୍ରତା ଅଂଶ ରହିଛି । ତେଣୁ ଆପଣ ସ.ଅ କହିଲେ, ହେ ଶସ୍ୟ ଉତ୍ପାଦନକାରୀ ଚାଷୀ ! ତୁମେ ଯେଉଁ ଶସ୍ୟ ବିକ୍ରି କରୁଛ (ଗହମ ଥିଲା ଅବା ମକ୍କା ଥିଲା ଅବା ଯଅ ଥିଲା) ଇଏ କେମିତିକା କଥା କୁହ ତ' ଭଲା ? ଅର୍ଥାତ୍ ଶସ୍ୟ ଭିତର ପଟୁ ଓଦାଳିଆ ରହିଛି । ସେହି ବ୍ୟକ୍ତି ଜଣକ ଉତ୍ତର ଦେଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏହି ଶସ୍ୟ ଉପରେ ବର୍ଷା ହୋଇଯାଇଥିଲା । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଶସ୍ୟ ଉତ୍ପାଦନକାରୀ ଚାଷୀ ! ତେବେ ତୁମେ କାହିଁକି ଏହି ଓଦାଳିଆ ଅଂଶକୁ ଶସ୍ୟର ଭିତରକୁ କରିଦେଲ? ଏହି ଓଦାଳିଆ ଅଂଶକୁ ତୁମେ ଶସ୍ୟର ଉପର ଭାଗରେ ରଖିଲ ନାହିଁ କାହିଁକି ? ତୁମେ ଓଦାଳିଆ ଅଂଶକୁ ଭିତରକୁ କରିଦେଲେ ଓ ଭିତରର ଶୁଷ୍କ ଅଂଶକୁ ଉପରକରୁ କରିଦେଲ? ତୁମେ ଓଦାଳିଆ ଅଂଶକୁ କାହିଁକି ଲୁଚାଇଲ ? ଯଦି ବି ବର୍ଷ ହୋଇଯାଇଥିଲା ତେବେ ତୁମେ ଓଦାଳିଆ ଅଂଶକୁ ସେମିତି ଉପରେ ହିଁ ରହିବାକୁ ଦେଇଥାଆନ୍ତ । କାରଣ ଲୋକମାନେ ସେହି ଓଦାଳିଆ ଅଂଶକୁ ଦେଖିପାରି ଥାଆନ୍ତେ । ତୁମେ ଶୁଷ୍କ ଅଂଶକୁ ଉପରକୁ କରିଦେଲେ ଓ ଆର୍ଦ୍ର ଥିବା ଅଂଶକୁ ଭିତରକୁ କରିଦେଲ । ତୁମେ ସତ୍ୟକୁ ଲୁଚାଇଛ । ତୁମେ ଏପରି କୃତ୍ୟ କରି ଲୋକମାନଙ୍କୁ ଧୋକା ଦେଇଛ । ତେଣୁ ଯେଉଁ ବ୍ୟକ୍ତି ଅନ୍ୟକୁ ଧୋକା ଦିଏ ସେହି ବ୍ୟକ୍ତି ମୋ ଠାରୁ ନୁହେଁ । ଅର୍ଥାତ୍ ସେହି ବ୍ୟକ୍ତିର ମୋ ସହିତ ସଂପର୍କ ନାହିଁ । **(ସହି ମୁସ୍‌ଲିମ୍, କିତାବୁଲ୍ ଇମାନ୍, ବାବ୍-କୌଲିନ୍ ନବୀ ସ.ଅ, ମନ୍ ଗଶ୍ଶାନା, ଫଲୈସା ମିନ୍ନା.........", ଅନୁବାଦକ, ଗ୍ରନ୍ଥଖଣ୍ଡ-1, ପୃ-93)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏତେ ସୂକ୍ଷ୍ମତା ବାଣିଜ୍ୟ ବ୍ୟବସାୟରେ ଲୋକମାଙ୍କୁ ମଧ୍ୟ ଦେଖିବା ଉଚିତ୍ । ଏ ହେଉଛି ସେହି ସ୍ତର ଯେଉଁ ସ୍ତର ଆପଣ ସ.ଅ ଜଣେ ମୁସଲମାନ ବ୍ୟକ୍ତି ମଧ୍ୟରେ ସୃଷ୍ଟି କିରବାକୁ ଚାହୁଁଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ମୁସଲମାନମାନେ ହିଁ ଧୋକାର ବାଣିଜ୍ୟ ବ୍ୟବସାୟ ଓ ମିଛ ଯୋଗୁଁ ସଂସାରରେ ବଦ୍‌ନାମ୍ ଅଟନ୍ତି । ତେଣୁ ଆଜି ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ମାନିଥିବା ଅହମଦିମାନେ ଆଁହଜରତ୍ ସ.ଅଙ୍କ ଉପରେ ପ୍ରକୃତ ବିଶ୍ୱାସ ଆଣିବାର ଯେଉଁ ଦମ୍ଭୋକ୍ତି ପ୍ରକାଶ କୁରଛେ ତେବେ ଆମମାନଙ୍କର ଆଚରଣ ଏବଂ ଉଚ୍ଚାରଣରେ ସତ୍ୟତାର ସର୍ବୋଚ୍ଚ ସ୍ତର ହେବା ଉଚିତ୍ । ଅନ୍ୟଥା ଆଁହଜରତ୍ ସ.ଅ କହିଲେ, ଯଦି ଏପରି ନୁହେଁ ତେବେ ତୁମେମାନେ ମୋ ମଧ୍ୟରୁ ନାହଁ । ଅର୍ଥାତ୍ ମୋର ଧର୍ମାବଲମ୍ବୀ ନୁହଁ।

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ପୁନଶ୍ଚ ମୋର ତୁମମାନଙ୍କ ସହିତ କୌଣସି ସଂପର୍କ ନାହିଁ । ଅସଂଖ୍ୟ ଉପଦେଶ ଏବଂ ମାର୍ଗଦର୍ଶିକା ସତ୍ୟତାକୁ ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଅବଲୋକନ କରି ଆପଣ ସ.ଅ ଆମମାନଙ୍କୁ ଅନୁପ୍ରାଣିତ କରିଛନ୍ତି । ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସଂପୂର୍ଣ୍ଣ ରୂପେ ସତ୍ୟତା ଉପରେ କାର୍ଯ୍ୟାନୁସରଣ କରିନେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ମୁସଲମାନ ହୋଇ ପାରିବ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସଙ୍କ ଜୀବନୀ ସଂପର୍କରେ ବର୍ତ୍ତମାନ ମୁଁ କେତେକ ପ୍ରସଙ୍ଗ ଉପସ୍ଥାପିତ କରି ଦେଉଛି । ଆପଣ ସ.ଅ ସର୍ବଦା ସତ୍ୟ କହିବା ଏବଂ ନ୍ୟାସ ବା ଅମାନତ, ବିଶ୍ୱସ୍ତତାରେ ସର୍ବାଧିକ ରୂପେ ଅନନ୍ୟ ହେବା ଯୋଗୁଁ ଲୋକମାନଙ୍କ ମଧ୍ୟରେ ସତ୍ୟବାଦୀ ଏବଂ ବିଶ୍ୱସ୍ତ ଓ ବିଖ୍ୟାତ ଥିଲେ । ସୁତରାଂ ଜଣେ ଲେଖକ ଉଲ୍ଲେଖ କରିଛନ୍ତି ଯେ, ମୁହମ୍ମଦ ସ.ଅ ଅଶିକ୍ଷିତ ଯୁଗରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ସେମାନଙ୍କ ନିକଟକୁ ଅର୍ଥାତ୍ କୁରୈଶମାନଙ୍କ ନିକଟକୁ ଆଁହଜରତ୍ ସ.ଅଙ୍କ ପୂର୍ବରୁ କୌଣସି ତ୍ରସ୍ତକାରୀ ବାର୍ତ୍ତାବହ ଆସି ନଥିଲା । ଅର୍ଥାତ୍ ସେମାନଙ୍କ ଜାତିରେ କୌଣସି ବାର୍ତ୍ତାବହ ଆସି ନଥିଲା । ଲୋକମାନେ ପିତୁଳା ପୂଜା, ମୂର୍ତ୍ତି ପୂଜା ଏବଂ ସୈତାନ୍, ପିଶାଚମାନଙ୍କର ଉପାସନା କରୁଥିଲେ । ଆପଣ ସ.ଅଙ୍କୁ ସେହି ଲୋକମାନଙ୍କ ମଧ୍ୟରେ ବାଲ୍ୟ କାଳରୁ ହିଁ ତାତ୍ତ୍ୱିକତା ଏବଂ ଅବବୋଧ ପ୍ରଦାନ କରାଯାଇଥିଲା । କିନ୍ତୁ ଆପଣ ସ.ଅ ସୈତାନ୍‌ମାନଙ୍କର ଗୋଷ୍ଠୀ ଏବଂ ପିତୁଳା ପୂଜକମାନଙ୍କ ମଧ୍ୟରେ ରହୁଥିଲେ । ଆପଣ ସ.ଅ କେବେ ବି ପିତୁଳା ବା ମୂର୍ତ୍ତି ଆଡ଼କୁ ଆସକ୍ତ ନଥିଲେ ଓ ନା ହିଁ ଆପଣ ସ.ଅ ସେହି ଲୋକମାନଙ୍କ ସହିତ କୌଣସି ପର୍ବ ପର୍ବାଣୀରେ ସାମିଲ୍ ହେଉଥିଲେ । ଆପଣ ସ.ଅଙ୍କ ତୁଣ୍ଡରୁ କେବେ ବି ମିଛ ଶୁଣାଯାଇ ନଥିଲା । ଲୋକମାନେ ଆପଣ ସ.ଅଙ୍କୁ ସତ୍ୟବାଦୀ ଅର୍ଥାତ୍ ସର୍ବାଧିକ ସତ୍ୟବାଦୀ ବ୍ୟକ୍ତି, ବିଶ୍ୱସ୍ତ, ନ୍ୟାସ ବା ଅମାନତ୍ ରକ୍ଷକ, ବିନମ୍ର, କୋମଳ, ଦୟାଳୁ ବ୍ୟକ୍ତି ରୂପେ ଜାଣିଥିଲେ । **(ଇମ୍‌ତାଆଲ୍ ଅସ୍‌ମାଆ, ଗ୍ରନ୍ଥଖଣ୍ଡ-4, ପୃ-212, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଇସ୍‌ଲାମ୍ ଧର୍ମ ପୂର୍ବରୁ ଅଶିକ୍ଷିତ ଯୁଗରେ ମଧ୍ୟ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଲୋକମାନେ କୌଣସି ପ୍ରସଙ୍ଗରେ ବିଚାର ଏବଂ ନିର୍ଣ୍ଣୟ କରାଉଥିଲେ । **(ସବଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-2, ପୃ-147, ମକତବା, ଦାରୁଲ୍ କୁତୁବୁଲ୍ ଇଲମିୟହ୍, ବୈରୁତ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଉକ୍ତ କଥାକୁ ଏକ ସ୍ଥାନରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଆପଣ ସ.ଅଙ୍କ ଉତ୍ତମ ଚରିତ୍ରବତ୍ତା ସଂପର୍କରେ ସାମଗ୍ରିକ ସାକ୍ଷ୍ୟ ତାହା ଅଟେ ଯାହା ଆପଣ ସ.ଅଙ୍କ ଜାତି ପ୍ରଦାନ କରିଛି । ଅର୍ଥାତ୍ ଆପଣ ସ.ଅଙ୍କ ଅବତାରତ୍ୱର ଦାବି ପୂର୍ବରୁ ଆପଣ ସ.ଅଙ୍କ ଜାତି ଆପଣ ସ.ଅଙ୍କର ନାମ ଅମିନ୍ ଓ ସିଦ୍ଦିକ୍ (ବିଶ୍ୱସ୍ତ ଓ ସତ୍ୟବାଦୀ) ରଖିଥିଲା । ସଂସାରରେ ଏପରି ଲୋକମାନେ ଅନେକ ଥାଆନ୍ତି ଯାହାଙ୍କ ସଂପର୍କରେ ଅବିଶ୍ୱସ୍ତତା, ବିଶ୍ୱାସଘାତକତାର ପ୍ରମାଣ ମିଳେ ନାହିଁ । ଏପରି ଲୋକମାନେ ମଧ୍ୟ ଥାଆନ୍ତି ଯାହାଙ୍କୁ କୌଣସି ଅଗ୍ନି ପରୀକ୍ଷାର ସମ୍ମୁଖୀନ୍ ହେବାର ସୁଯୋଗ ମିଳି ନଥାଏ । ହଁ ସେମାନେ ସାଧାରଣ ପରୀକ୍ଷାର ସମ୍ମୁଖୀନ ହୋଇଥାଆନ୍ତି ଏବଂ ସେମାନଙ୍କ ସନ୍ତରକ୍ଷକ ପଣିଆ ବା ନ୍ୟାସ ରକ୍ଷକ ପଣିଆ ଅକ୍ଷୁର୍ଣ୍ଣ ରହିଥାଏ । କିନ୍ତୁ ଏସବୁ ସତ୍ତ୍ୱେ ସେମାନଙ୍କ ଜାତି ସେମାନଙ୍କୁ କୌଣସି ବିଶେଷ ନାମ ପ୍ରଦାନ କରି ନଥାଏ । ତେଣୁ ବିଶେଷ ନାମ ସେତିକିବେଳେ ଦିଆ ଯାଇଥାଏ ଯେତେବେଳେ କୌଣସି ବ୍ୟକ୍ତି କୌଣସି ଅନ୍ୟ ଲୋକମାନଙ୍କ ଅପେକ୍ଷା ବିଶେଷ ଗୁଣାବଳୀର ଅଧିକାରୀ ହୋଇଥାଏ । ସେତେକିବେଳେ ସେ ଅନ୍ୟମାନଙ୍କ ଉପରେ ପ୍ରତିଦ୍ୱନ୍ଦ୍ୱିତ ଭାବରେ ପ୍ରମୁଖ ସ୍ଥାନ ଅଧିକାର କରିଥାଏ । ଯୁଦ୍ଧରେ ସାମିଲ୍ ହୋଇଥିବା ପ୍ରତ୍ୟେକଟି ସିପାହୀ ନିଜର ଜୀବନକୁ ବିପଦରେ ପକାଇଥାଏ । କିନ୍ତୁ ନା ଇଂରେଜ ଜାତି ପ୍ରତ୍ୟେକ ସିପାହୀକୁ ଭିକ୍ଟୋରିଆ କ୍ରସ୍ ଦେଇଥାଏ ଓ ନା ହିଁ ଜର୍ମାନ ଜାତି ଜର୍ମାନ୍ ସିପାହୀକୁ ଆଇରନ୍ କ୍ରସ୍ ପ୍ରଦାନ କରିଥାଏ । ଫ୍ରାନ୍‌ସରେ ଶୈକ୍ଷିକ ରୁଚି ରଖୁଥିବା ଲୋକମାନେ ଲକ୍ଷାଧିକ ସଂଖ୍ୟାରେ ରହିଛି । କିନ୍ତୁ ପ୍ରତ୍ୟେକ ବ୍ୟକ୍ତ୍କୁ ଲିଜିୟନ୍ ଅଫ୍ ହନର୍ (Legion Of Honor)ର ଫିତା ମିଳେ ନାହିଁ । ଅତଏବ୍ କୌଣସି ବ୍ୟକ୍ତିର ନ୍ୟାସ ରକ୍ଷକ ହେବା ଏବଂ ସତ୍ୟବାଦୀ ହେବା ତା' ମର୍ଯ୍ୟାଦା ଉପରେ ବିଶେଷ ଆଲୋକପାତ କରି ନଥାଏ । କିନ୍ତୁ କୌଣସି ବ୍ୟକ୍ତିକୁ ସମଗ୍ର ଜାତିର ବିଶ୍ୱସ୍ତ, ନ୍ୟାସ ରକ୍ଷକ ବା ସନ୍ତକ ରକ୍ଷକର ଉପାଧି ପ୍ରଦାନ କରିଦେବା ଏକ ଅସାଧାରଣ କଥା ଅଟେ। ଯଦି ମକ୍କାର ଲୋକମାନଙ୍କ ପ୍ରତ୍ୟେକ ପିଢୀର ଲୋକମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ନ୍ୟାସ ରକ୍ଷକ, ମୀମାଂସାକାରୀ, ସତ୍ୟବାଦୀର ଉପାଧିରେ ଯେତେବେଳେ ଭୂଷିତ କରୁଥିଲେ ସେତେବେଳେ ମଧ୍ୟ ବିଶ୍ୱସ୍ତ ଏବଂ ସତ୍ୟବାଦୀର ଉପାଧି ପ୍ରାପ୍ତ କର୍ତ୍ତା ସବୁଠୁ ବଡ଼ ବ୍ୟକ୍ତି ବୋଲି ବିବେଚିତ ହେଉଥିଲା । କିନ୍ତୁ ଆରବ୍ୟ ଇତିହାସ ଏହା ସୂଚାଏ ଯେ, ଆରବର ବଂଶଧର ମାନଙ୍କ ମଧ୍ୟରେ କେବେ ବି କୌଣସି ବ୍ୟକ୍ତିକୁ ଏପରି ଉପାଧି ଦ୍ୱାରା ଭୂଷିତ କରାଯାଉ ନଥିଲା । ବରଂ ଆରବର ଶତାଧିକ ବର୍ଷର ଇତିହାସରେ କେବଳ ଗୋଟିଏ ଉଦାହରଣ ଦେଖିବାକୁ ମିଳେ ଏବଂ ତାହା ହେଉଛି ଆଁହଜରତ୍ ସ.ଅଙ୍କ ଉଦାହରଣ । ଅର୍ଥାତ୍ ଆପଣ ସ.ଅଙ୍କୁ ଆରବ୍ୟବାସୀମାନେ ବିଶ୍ୱସ୍ତ, ସତ୍ୟନିଷ୍ଠ, ସତ୍ୟବାଦୀ ଓ ନ୍ୟାସ ରକ୍ଷକ ବୋଲି ଉପାଧି ପ୍ରଦାନ କରିଥିଲେ । ସୁତରାଂ ଆରବର ଶତାଧିକ ଇତିହାସରେ ଜାତିର କେବଳ ଗୋଟିଏ ବ୍ୟକ୍ତିକୁ ବିଶ୍ୱସ୍ତ ଏବଂ ସତ୍ୟବାଦୀର ଉପାଧି ପ୍ରଦାନ କରିବା ଉକ୍ତ କଥାକୁ ସୂଚାଏ ଯେ, ସେହି ବ୍ୟକ୍ତିର ଅମାନତ୍ (ନ୍ୟାସ ରକ୍ଷକ) ଏବଂ ବିଶ୍ୱସ୍ତତା ଉଭୟ ଏତେ ଉଚ୍ଚ ସ୍ତରର ଥିଲା ଯେ, ତାହାର ଉଦାହରଣ ଆରବ୍ୟ ଧାରଣାରେ କିମ୍ବା ଅନ୍ୟ କୌଣସି ବ୍ୟକ୍ତିର ଧାରଣାରେ ଦେଖିବାକୁ ମିଳୁ ନଥିଲା । ଆରବ୍ୟମାନେ ନିଜର ସୂକ୍ଷ୍ମଦର୍ଶିତା ଯୋଗୁଁ ସଂସାରରେ ଅନନ୍ୟ ଥିଲେ । ଅତଃ ଯେଉଁ ଜିନିଷକୁ ସେମାନେ ଅନୁପଲବ୍ଧ ବା ଦୁର୍ଲଭ୍ୟ ବୋଲି ବିବେଚିତ କରି ଦେଉଥିଲେ ତାହା ନିଃସନ୍ଦେହ ରୂପେ ସଂସାରରେ ଦୁର୍ଲଭ୍ୟ ଯୋଗ୍ୟ ହିଁ ମନେ କରାଯାଉଥିଲା ।"
**(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-374-375)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଓଉଦ୍ ଅ.ସ କୁହନ୍ତି: "ଆଜି ସଂସାରର ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଓ ସମ୍ବେଦନଶୀଳ ହୋଇଯାଇଛି। ଯେଉଁ ଦିଗକୁ ଦେଖ ସେଠାରେ ଖାଲି ମିଛ ସାକ୍ଷୀ କରି ନିଆଯାଉଛି, ମିଛ ମାଲି ମକଦ୍ଦମା କରିବାର ତ' ଆଉ ସୀମା ହିଁ ନାହିଁ । ମିଛ ଶିକ୍ଷକ କରି ନିଆଯାଉଛି । ମିଛ (ଜାଲ୍) କାଗଜ ପତ୍ର ତିଆରି କରି ନିଆଯାଉଛି । କୌଣସି ପ୍ରସଙ୍ଗକୁ ବର୍ଣ୍ଣନା କରିବା ସମୟରେ ସତ୍ୟର ପକ୍ଷକୁ ଲୁଚାଇ ନେଇ ଲୋକେ ମନ୍ତବ୍ୟ ଦେଇଥାଆନ୍ତି । ଯେଉଁ କଥା କହିବା ଦ୍ୱାରା ଲାଭ ହୋଇଥାଏ ସେହି ସତ୍ୟ କଥାକୁ ଲୋକମାନେ ପରିତ୍ୟାଗ କରିଦେଉଛନ୍ତି ଏବଂ ମିଛ କଥାକୁ ହିଁ ଧରିନେଉଛନ୍ତି ଓ କହୁଛନ୍ତି ମଧ୍ୟ । ବର୍ତ୍ତମାନ ସେହି ଲୋକମାନେ ଯେଉଁମାନେ ଏହି ଜମାଅତ୍‌କୁ ଜରୁରୀ ବୋଲି ମନେକରନ୍ତି ନାହିଁ । କ'ଣ ଏହା ହିଁ ସେହି ଧର୍ମ ଥିଲା । ଅର୍ଥାତ୍ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହୁଛନ୍ତି ଯେ, ଜମାଅତ୍ ମୁଁ ଆରମ୍ଭ କରିଛି ସତ୍ୟତା ଉପରେ ଅବିଚଳ ରହିବା ନିମନ୍ତେ । ତେଣୁ କେହି ସେହି ଲୋକମାନଙ୍କୁ ଟିକେ ପଚାରୁ ଯେ, କ'ଣ ଏହା ହିଁ ସେହି ଧର୍ମ ଥିଲା ଯେଉଁ ଧର୍ମ ଆଁହଜରତ୍ ସ.ଅ ଆଣିଥିଲେ ? ଅଲ୍ଲାଃତାଲା ତ' ମିଥ୍ୟାକୁ ଅପବିତ୍ରତା କହିଛନ୍ତି। ତେଣୁ ମିଥ୍ୟାରୁ ନିବୃତ୍ତ ରହିବା ଉଚିତ୍ । اِجْتَنِبُوا الرِّجْسَ مِنَ الْاَوْثَانِ وَاجْتَنِبُوْا قَوْلَ الزُّوْرِ **(ଅଲ ହଜ୍ :31)** ଅର୍ଥାତ୍ ଅଲ୍ଲାଃତାଲା ମିଛକୁ ପିତୁଳା ପୂଜା ସହିତ ତୁଳନା କରିଛନ୍ତି । ଯେପରି ଜଣେ ମୂର୍ଖ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଛାଡ଼ି ପଥର ଆଗରେ ମୁଣ୍ଡ ନୁଆଁଇଥାଏ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଅପବିତ୍ରତାରୁ ତୁମେମାନେ ବର୍ତ୍ତିବାକୁ ପ୍ରୟାସ କର । କାରଣ ଏହା ଏକ ବଡ଼ ମନ୍ଦ ପ୍ରସଙ୍ଗ ଅଟେ । କାରଣ ଯେପରି ତୁମେମାନେ ଅପବିତ୍ରତାରେ ଲିପ୍ତ ହୋଇାଯାଇଥାଏ, ଖରାପ କାର୍ଯ୍ୟରେ ଲିପ୍ତ ହୋଇଯାଇଥାଆ ଠିକ୍ ସେହିପରି ମିଛ କହିବା ମଧ୍ୟ ଏକ ପ୍ରକାରର ପାପ ଓ ଅପବିତ୍ରତା ଅଟେ । ଅତଏବ୍ ଆପଣ ଅ.ସ କହିଲେ, ମିଛ କହିବା ମଧ୍ୟ ଏକ ପାପ ଅଟେ । ଯେପରି ଏକ ପିତୁଳା ପୂଜକ ବା ମୂର୍ତ୍ତି ଉପାସନାକାରୀ ମୂର୍ତ୍ତି ଠାରୁ ମୁକ୍ତି ଚାହିଁଥାଏ ଠିକ୍ ସେହିପରି ମିଛ କହୁଥିବା ବ୍ୟକ୍ତି ମଧ୍ୟ ନିଜର ଏକ ପ୍ରତିମା ତିଆର କରିଥାଏ ଏବଂ ଏହା ମନେକରିଥାଏ ଯେ, ସେହି ପ୍ରତିମା ମାଧ୍ୟମରେ ଅପବିତ୍ରତା ହୋଇଯିବ । ଏହା କିପରିକା ତ୍ରୁଟି ଅଟେ । ଯଦି ପିୁତଳା ପୂଜା କରୁଥିବା ବ୍ୟକ୍ତିକୁ ପଚରାଯାଏ ଯେ, ତୁମେମାନେ କାହିଁକି ପିତୁଳା ପୂଜା କରୁଛ ? ତୁମେ ସେହି ଅପବିତ୍ରତାକୁ ପରିତ୍ୟାଗ କରିଦିଅ, ସେତେବେଳେ ସେହି ବ୍ୟକ୍ତି କହିଥାଏ ଯେ, ମୁଁ କାହିଁକି ମୂର୍ତ୍ତି ପୂଜା ପରିତ୍ୟାଗ କରିଦେଲି । ମୂର୍ତ୍ତି ପୂଜା ନକଲେ ମୁଁ ରହି ପାରିବି ନାହିଁ। ଏହା ପିତୁଳାର ଘୃଣ୍ୟ ଏବଂ ଜଘଣ୍ୟ ଅପବିତ୍ରତା ଅଟେ । ତେଣୁ ଏହାକୁ ଛାଡ଼ିଦିଅ । ସେମାନଙ୍କୁ ଯଦି କୁହାଯାଏ ଯେ, ତୁମେ ମୂର୍ତ୍ତି ପୂଜା ଛାଡ଼ୁ ନ, ଏହା ଅପବିତ୍ରତା ଅଟେ । ସେତେବେଳେ ସେମାନେ ଏହା କୁହନ୍ତି ଯେ, ଆମେମାନେ ମୂର୍ତ୍ତି ପୂଜା ନକରି ରହିପାରିବୁ ନାହିଁ । ସେ ଯାହା ହେଉ ଲାଭ ଉଠାଇବା ସକାଶେ ଆମମାନଙ୍କୁ ମିଛ କହିବାକୁ ହିଁ ପଡ଼ିଥାଏ ।" ହୁଜୁର ଅନ୍ୱର୍ ଅ.ବ କହିଲେ,"ଏହାଠୁ ବଳି ଆଉ କ'ଣ ବା ଦୁର୍ଭାଗ୍ୟ ହୋଇପାରେ ଯେ, ଲୋକମାନେ ମିଛ କଥା ଉପରେ ନିଜର ଜୀବନ ନିର୍ଭର କରେ ବୋଲି ଦର୍ଶାଇଥାଆନ୍ତି । କିନ୍ତୁ ମୁଁ ତୁମମାନଙ୍କୁ ଏହି ଆଶ୍ୱାସନା ଦେଉଛି ଯେ, ଶେଷରେ ସତ୍ୟର ହିଁ ଜୟ ହୋଇଥାଏ । ପୁଣ୍ୟ ଏବଂ ବିଜୟ ସତ୍ୟର ହିଁ ହୋଇଥାଏ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-8 , ପୃ-181, ସଂସ୍କରଣ ବର୍ଷ-2022 ମସିହା)**

ଆଁହଜରତ୍ ସ.ଅଙ୍କ ଜୀବନୀ ବର୍ଣ୍ଣନା କରି ହ. ମୁସ୍‌ଲେହ ମଉଦ୍ ର.ଅ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, "ଆଁହଜରତ୍ ସ.ଅ ନିଜର ପତ୍ନିଙ୍କୁ ସୂଚନା ଦିଅନ୍ତି ଯେ, ହେ ମୋର ପତ୍ନି ! ମୋ ଉପରେ ଏହିପରି ଐଶୀବାଣୀ ଅବତୀର୍ଣ୍ଣ ହୋଇଛି। ତେବେ ଆଁହଜରତ୍ ସ.ଅଙ୍କ ପତ୍ନି ଏହା କହିଲେ ନାହିଁ ଯେ, ଏ କ'ଣ ଭଣ୍ଡାମୀ କରିବାକୁ ଲାଗିଲଣି । ବରଂ ସେହି ପତ୍ନି ଏହା କୁହନ୍ତି.......ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଆଦୌ ବିଚଳିତ ଓ ଘାବରାନ୍ତୁ ନାହିଁ । ଆପଣ ସ.ଅ ଯାହା କିଛି ଦେଖିଛନ୍ତି ତାହା ଆପଣ ସ.ଅ ଠିକ୍ ଦେଖିଛନ୍ତି । ଅଲ୍ଲାଃତାଲା କଦାପି ଆପଣ ସ.ଅଙ୍କୁ ନଷ୍ଟ ହେବାକୁ ଦେବେ ନାହିଁ । କାରଣ ଆପଣ ସ.ଅ ଉଦର ସଂପର୍କୀୟ ଲୋକମାନଙ୍କ ମଧ୍ୟରେ ସୁସଂପର୍କ ରକ୍ଷା କରନ୍ତି । ଅସହାୟର ବୋଝ ନିଜ ମୁଣ୍ଡ ଉପରେ ଉଠାନ୍ତି, ହଜି ଯାଇଥିବା ପୁଣ୍ୟକୁ ଆପଣ ସ.ଅ ପୁନଃ ସ୍ଥାପିତ କରନ୍ତି । ଅତିଥିମାନଙ୍କର ଆତିଥ୍ୟତା କରନ୍ତି ଓ ସତ୍ୟତା ତଥା ଅଧିକାରର ଆପଣ ସାହାଯ୍ୟ କରନ୍ତି । ଏହାପରେ ଆପଣ ସ.ଅଙ୍କ ପତ୍ନି ଆପଣ ସ.ଅଙ୍କୁ ୱର୍କା ବିନ୍ ନୌଫିଲ୍‌ଙ୍କ ପାଖକୁ ନେଇଗଲେ । ୱର୍କା ବିନ୍ ନୌଫଲ୍ ଇସ୍ରାଇଲୀୟ ଜ୍ଞାନର ବିଦ୍ୱାନ୍ ଥିଲା । ସେ ଏକଥା ଶୁଣିବା ମାତ୍ରେ କହିଲା, ହେ ଭଉଣୀ (ହ. ଖଦିଜା ର.ଅ) ଏହି ଐଶୀବାଣୀଟି ଠିକ୍ ସିହପରି ଅଟେ ଯେପରି ହ. ମୁସା ଅ.ସଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥିଲା । ଏହି ଐଶୀବାଣୀରେ ବର୍ଣ୍ଣିତ ଆଦେଶାବଳୀ ସେହିପରି ଅଟେ ଯେପରି ହ. ମୁସା ଅ.ସଙ୍କ ଐଶୀବାଣୀରେ ଦେଖିବାକୁ ମିଳୁଥିଲା । ଅର୍ଥାତ୍ ବର୍ତ୍ତମାନ ଏହି ଐଶୀବାଣୀ ସାକ୍ଷ୍ୟ ପ୍ରଦାନ କରୁଛି । ମୁଁ ପୂର୍ବେ ମଧ୍ୟ ବିଗତ ଖୁତ୍‌ବାରେ ଥରେ ଏହାର କିଛି ଅଂଶ ବର୍ଣ୍ଣନା କରିଥିଲି ।"

**(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାରେ)**

## ବିଗତ ସଂଖ୍ୟା-24, ପୃ-12ରେ ବର୍ଣ୍ଣିତ ସିରତୁଲ୍ଲ ମେହ୍‌ଦୀର ଅବଶିଷ୍ଟାଂଶ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

ସେହିପରି ମାତାଶ୍ରୀ ମୋତେ କହିଲେ, ଯେତେବେଳେ ଫଜଲ୍ ଅହମଦଙ୍କ ବିୟୋଗ ଖବର ଆସିଲା ସେତେବେଳେ ସେଦିନ ହ. ମସିହ୍ ମଉଦ୍ ଅ.ସ ସାରା ରାତି ଶୋଇଲେ ନାହିଁ । ଆପଣ ଅ.ସ ଦୁଇ ତିନି ଦିନ ପର୍ଯ୍ୟନ୍ତ ଦୁଃଖିତ ଓ ମର୍ମାହତ ରହିଲେ। ବିନୀତ ପଚାରିଲା ଯେ, କ'ଣ ହ. ସାହେବ କିଛି କହିଥିଲେ କି ? ମାତାଶ୍ରୀ କହିଲେ, କେବଳ ଏତିକି କହିଥିଲେ ଯେ, ଆମର ତା' ସହିତ କୌଣସି ସଂପର୍କ ନଥିଲା। କିନ୍ତୁ ବିରୋଧୀମାନେ ତା'ର ମୃତ୍ୟୁକୁ ଆପତ୍ତିର ଶରବ୍ୟ କରି ନନିଅନ୍ତୁ । ବିନୀତ କହି ଦେଉଛି ଯେ, ମୁହମ୍ମଦି ବେଗମ ହ. ମସିହ୍ ମଉଦ୍ ଅ.ସଙ୍କ ଚଚାଙ୍କ ସୁପୁତ୍ରୀ (କନ୍ୟା) ଅର୍ଥାତ୍ ଭଉଣୀ ଉମ୍‌ରୁନ୍ ନିସାଙ୍କର କନ୍ୟା ଅଟନ୍ତି । ଅର୍ଥାତ୍ ମିର୍ଜା ନିଜାମୁଦ୍ଦୀନ ଏବଂ ମିର୍ଜା ଇମାମୁଦ୍ଦୀନ ଇତ୍ୟାଦିଙ୍କର ପ୍ରକୃତ ଭାଣିଜୀ ଅଟନ୍ତି । ଆମର ବଡ଼ ମା ଅର୍ଥାତ୍ ମିର୍ଜା ଗୁଲାମ୍ କାଦିର୍ ସାହେବ ମୁହମ୍ମଦି ବେଗମ୍‌ଙ୍କର ନିଜ ଖାଲା (ମାଉସୀ) ଅଟନ୍ତି । ଅର୍ଥାତ୍ ମିର୍ଜା ଅହମଦ ବେଗ୍ ସାହେବ ହୋଶିୟାରପୁରୀ ଯିଏ ମୁହମ୍ମଦି ବେଗମଙ୍କର ପିତାଶ୍ରୀ ଥିଲା ମିର୍ଜା ଇମାମୁଦ୍ଦୀନ୍ ଆଦିଙ୍କର ଭିଣୋଇ ଥିଲା । ଏତଦ୍‌ଭିନ୍ନ ଆହୁରି ବଂଶୀୟ ସଂପର୍କ ମଧ୍ୟ ରହିଥିଲା । ଉଦାହରଣ ସ୍ୱରୂପ ହ. ମସିହ୍ ମଉଦ୍ ଅ.ସଙ୍କ ନିଜ ଭଉଣୀ ମିର୍ଜା ଅହମଦ ବେଗ୍‌ଙ୍କ ବଡ଼ ଭାଇ ମିର୍ଜା ଗୁଲାମ୍ ଗୌସ୍ ସାହେବଙ୍କ ସହିତ ବିବାହ ହୋଇଥିଲେ । ଉକ୍ତ କଥାଟି ବହୁତ ପୁରୁଣା କଥା ଅଟେ । ହ. ମସିହ୍ ମଉଦ୍ ଅ.ସଙ୍କ ଏହି ସମସ୍ତ ସଂପର୍କୀୟ ଏବଂ ପରିଜନମାନେ ଅତ୍ୟନ୍ତ ନିମ୍ନ ସ୍ତରର ବିଧର୍ମୀ ଓ ଧର୍ମଛଡ଼ା ଥିଲେ । ଇସ୍‌ଲାମ୍ ଧର୍ମ ସହିତ ଏମାନଙ୍କର କୌଣସି ସଂପର୍କ ନଥିଲା ବରଂ ଧର୍ମବିଧାନର ମର୍ଯ୍ୟାଦାକୁ ଏମାନେ କ୍ଷୁର୍ଣ୍ଣ କରଥିଲେ । ହ. ସାହେବ ଅ.ସ (ମସିହ୍ ମଉଦ୍ ଅ.ସ) ସେମାନଙ୍କର ଏପରି ଅବସ୍ଥାକୁ ଦେଖି ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦେଲେ । କାରଣ ସେମାନଙ୍କର ନିମନ୍ତେ କୌଣସି ନିଦର୍ଶନ ପ୍ରକାଶିତ ହେଉ । କାରଣ ସେମାନଙ୍କର ସଂଶୋଧନ ହେଉ, ସେମାନେ ସୁଧୁରି ଯାଆନ୍ତୁ କିମ୍ବା କୌଣସି ନିର୍ଣ୍ଣୟ ହୋଇଯାଉ । ତତ୍ପରେ ଈଶ୍ୱର ଐଶୀବାଣୀ କଲେ ଯେ, ଅହମଦ ବେଗ୍ ସାହେବଙ୍କର କନ୍ୟା ମୁହମ୍ମଦୀ ବେଗମ୍ ସକାଶେ ଆହ୍ୱନା ଦିଅ (ପ୍ରସ୍ତାବ ଦିଅ) । ଯଦି ସେମାନେ ତୁମର ପ୍ରସ୍ତାବକୁ ଗ୍ରହଣ କରି ନିଅନ୍ତି ଓ ସେହି କନ୍ୟାର ବିବାହ ତୁମ ସହିତ କରି ଦିଅନ୍ତି ତେବେ ଏହି ଲୋକମାନେ କଲ୍ୟାଣରୁ ଅଂଶ ପ୍ରାପ୍ତ କରିବେ । ଯଦି ସେମାନେ ଅସ୍ୱୀକାର କରନ୍ତି ତେବେ ସେମାନଙ୍କ ଉପରେ ଅଲ୍ଲାଃତାଲାଙ୍କ ଶାସ୍ତି ଅବତୀର୍ଣ୍ଣ ହେବ ଏବଂ ସେମାନଙ୍କର ଘର ବିଧବା ମହିଳାମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଯିବ। ବିଶେଷ କରି କନ୍ୟାର ପିତାଶ୍ରୀଙ୍କ ସମ୍ପର୍କରେ କହିଲେ, ୩ ବର୍ଷ ମଧ୍ୟରେ ଖୁବ୍ ଶୀଘ୍ର ସେ ମୃତ୍ୟୁବରଣ କରିବେ । ଯେଉଁ କନ୍ୟା ସହିତ ସେହି କନ୍ୟାର ବିବାହ ହେବ ସେ ମଧ୍ୟ ଅଢେଇ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିବ । ପରବର୍ତ୍ତୀ ଚର୍ଚ୍ଚା ହୋଇଥିବା ଏହି ଦୁଇ ଜଣ ବ୍ୟକ୍ତିଙ୍କ ସଂପର୍କରେ ଯେଉଁଭଳି ଭାବରେ ଅଲ୍ଲାଃତାଲାଙ୍କର ନିଦର୍ଶନ ପୂର୍ଣ୍ଣ ହେଲା ତାହା ହ. ମସହି୍‌ ମଉଦ୍ ଅ.ସଙ୍କ ପୁସ୍ତକର ଅସଂଖ୍ୟ ସ୍ଥାନରେ ବର୍ଣ୍ଣିତ ହୋଇଛି। ଅର୍ଥାତ୍ ଅହମଦ୍ ବେଗ୍ ନିଜ କନ୍ୟାର ବିବାହ ପରେ କେବଳ କିଛି ମାସ ପରେ ଭବିଷ୍ୟବାଣୀ ଅନୁଯାୟୀ ଇହଧାମ ତ୍ୟାଗ କଲା ଏବଂ ମିର୍ଜା ସୁଲତାନ୍ ମୁହମ୍ମଦ ଯାହା ସହିତ ସେମାନେ ମୁହମ୍ମଦି ବେଗମ୍‌ର ବିବାହ କରାଇଥିଲେ ସେ ଈଶ୍ୱରଙ୍କ ଶାସ୍ତି ଠାରୁ ଭୟଭୀତ ହେଲା ଏବଂ ତା'ର ଅନେକ ସଂପର୍କୀୟମାନଙ୍କ ପକ୍ଷରୁ ହ. ମସିହ୍ ମଉଦ୍ ଅ.ସଙ୍କ ପାଖକୁ ବିନୀତ ଓ ବିନମ୍ରତାମୂଳକ ପତ୍ର ଆସିଲା । ସୁତରାଂ ତାଙ୍କ ନିଜର ପତ୍ର ମଧ୍ୟ ଯହିଁରେ ସେ ହ. ସାହେବଙ୍କ ସଂପର୍କରେ ଆସ୍ଥା ଓ ଶ୍ରଦ୍ଧାଭାବ ବ୍ୟକ୍ତ କରିଥିଲେ ତାହା ତଶ୍‌ହିଜୁଲ୍ ଅଜ୍‌ହାନ୍ ନାମକ ପତ୍ରିକାର ପ୍ରକାଶିତ ହୋଇ ସାରିଛି । ତେଣୁ ଅଲ୍ଲାଃତାଲାଙ୍କ ପରମ୍ପରା ଅନୁଯାୟୀ ତାହାଙ୍କ ଠାରୁ ସେହି ଶାସ୍ତି ଟଳିଗଲା । ଅନ୍ୟ ସଂପର୍କୀମାନଙ୍କ ସଂପର୍କରେ ସାଧାରଣ ଭବିଷ୍ୟତ ବାଣୀ ରହିଥିଲା । ଏହାର ପ୍ରଭାବ ଏପରି ହେଲା ଯେ, ତାଙ୍କ ଘରେ ଭବିଷ୍ୟତବାଣୀ ସମୟରେ ଯେଉଁ ଲୋକମାନେ ଭର୍ତ୍ତି ହୋଇ ରହିଥିଲେ ସେମାନେ ସଂପୂର୍ଣ୍ଣ ରୂପେ ଲୋକଶୂନ୍ୟ ହୋଇଗଲେ । ବର୍ତ୍ତମାନ ସେହି ସମସ୍ତ ବଂଶରେ କେବଳ ଗୋଟିଏ ଛୋଟ ସନ୍ତାନ ବ୍ୟତୀତ ଅନ୍ୟ କୌଣସି ପୁରୁଷ ନାହାନ୍ତି । ସେହି ପିଲାଟି ମଧ୍ୟ ଅହମଦି ହୋଇ ସାରିଛି । ଏତଦ୍‌ଭିନ୍ନ ମିର୍ଜା ଇମାମୁଦ୍ଦୀନଙ୍କ କନ୍ୟା ମଧ୍ୟ ଅନେକ ଦିନ ହେଲାଣି ଅହମଦି ହୋଇ ସାରିଛି । ପୁନଶ୍ଚ ମୁହମ୍ମଦି ବେଗମ୍‌ଙ୍କର ମା' ଅର୍ଥାତ୍ ଅହମଦ ବେଗ୍‌ଙ୍କ ବିଧବା ପତ୍ନିଙ୍କ ପୌତ୍ର ଆମର ବଡ଼ ମା ଅର୍ଥାତ୍ ମୁହମ୍ମଦି ବେଗମଙ୍କ ଖାଲା (ମାଉସୀ) ସମସ୍ତେ ଜମାଅତ୍ ଅହମଦିୟାରେ ପ୍ରବିଷ୍ଟ ହୋଇ ସାରିଛନ୍ତି । **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ )**

## ପୃ-2 ରେ ବର୍ଣ୍ଣିତ ଶାନ୍ତି ସମ୍ମିଳନୀର ଅବଶିଷ୍ଟାଂଶ...

ମୋ ପାଇଁ ଏହା ଆନନ୍ଦର ବିଷୟ ଯେ, ମୁଁ ଜାତୀୟ ପିସ୍ ସିମ୍ପୋଜିୟମ୍‌ରେ ଆପଣଙ୍କ ସହିତ ସାମିଲ୍ ହୋଇଛି ଏବଂ କେବଳ ବ୍ରିଟେନ୍‌ରେ ନୁହେଁ ବରଂ ସମଗ୍ର ବିଶ୍ୱରୁ ଆଗତ ଅତିଥିମାନଙ୍କୁ ନିଜର ଚୟନିତ ପରିଧି ମଧ୍ୟରେ ସ୍ୱାଗତ ଜଣାଉଛି । ଚଳିତ ବର୍ଷ ପିସ୍ ସିମ୍ପୋଜିୟମ୍‌ର ବିଷୟ ବସ୍ତୁ ଥିଲା "ପୂର୍ଣ୍ଣ ଆନ୍ତର୍ଜାତିକ ନ୍ୟାୟ ପ୍ରକୃତ ଶାନ୍ତିର ମୂଳଦୁଆ" ଏହାଠୁ ଅଧିକ ସଠିକ୍ ସମୟ ଆଉ ହୋଇପାରି ନଥାଆନ୍ତା । ଏପରି ସମୟରେ ଯେତେବେଳେ ସଂସାର ପୂର୍ବପେକ୍ଷା ଅଧିକ ବିଭକ୍ତ, ବିକ୍ଷିପ୍ତତା, ଅବିଶ୍ୱାସ, ଅଧୀରତାର ଶିକାର ଅନୁଭବ କରୁଛି । ଏହି ପ୍ରକାରର ଇଜ୍‌ତମା ଗୁରୁତ୍ୱପୂର୍ଣ୍ଣର ଅଧିକାରୀ ଅଟନ୍ତି । ସ୍ଥାନୀୟ ସାଂସଦ ହେବା ହିସାବରେ ଏବଂ ଜମାଅତ୍ ଅହମଦିୟା ମୁସ୍‌ଲିମା ସକାଶେ ସ୍ଥାପିତ ସମସ୍ତ ଦଳର ସଂସଦ ଗୋଷ୍ଠୀମାନଙ୍କର ସଚିବ ହେବା ଦୃଷ୍ଟିରୁ ମୋତେ ଏହି ସୁଯୋଗ ମିଳିଛି ଯେ, ମୁଁ ସ୍ୱୟଂ ଦେଖିପାରିବି ଯେ, ବିଶେଷ କରି ଏହି ଜମାଅତ୍ ସ୍ଥାନୀୟ ସ୍ତରରେ କେତେ ମହାନ ସେବା ସମ୍ପାଦନ କରିପାରଛି ? ଯେଉଁ କଥାଟି ମୋତେ ସର୍ବଦା ପ୍ରଭାବିତ କରିଛି ତାହା ଏହିକି ଯେ, ଏଠାରେ ଶାନ୍ତିକୁ ଏକ ଦୃଷ୍ଟି ଜନିତ ଧାରଣା କିମ୍ବା ସ୍ଲୋଗାନ୍ ବୋଲି ମନେକରାଯାଇ ନଥାଏ ବରଂ ତାହାକୁ ବ୍ୟବହାରିକ ରୂପେ ସ୍ଥାପନ କରାଯାଇଥାଏ । ସେବା, ଦାନ ଏବଂ ଲୋକମାନଙ୍କୁ ପରସ୍ପରର ନିକଟବର୍ତ୍ତୀ କରାଇବା ହିଁ ବ୍ୟବହାରିକ ପନ୍ଥା ଅଟେ ଯାହା ମାଧ୍ୟମରେ ଏହି ଜମାଅତ୍ ଶାନ୍ତିକୁ ପ୍ରୋତ୍ସାହିତ କରିଥାଏ । ମହୋଦୟ କହିଲେ, ଶାନ୍ତିର ମୂଳଦୁଆ ଉକ୍ତ କଥା ଉପରେ ନିର୍ଭର କରେ ଯେ, ଆମେମାନେ ଦୈନନ୍ଦିନ ଜୀବନରେ ପରସ୍ପର ସହିତ କିପରି ରହିଥାଉ ? ଯଦି ଆମେମାନେ ନିଜର ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଶାନ୍ତିକୁ ଅବ୍ୟାହତ ରଖି ପାରିବୁ ନାହିଁ ତେବେ ଆନ୍ତର୍ଜାତିକ ସ୍ତରରେ ଶାନ୍ତି ନିମନ୍ତେ ଉଦ୍ୟମର ମଧ୍ୟ ଅଧିକ ମହତ୍ତ୍ୱ ରହି ନଥାଏ । ସ୍ଥାୟୀ ଶାନ୍ତି କେବଳ ପରସ୍ପର ସହିତ ମିଶିକି ରହିବା ଦ୍ୱାରା ପ୍ରାପ୍ତ ହୋଇ ନଥାଏ ବରଂ ଅହରହ ସଂପର୍କ ଏବଂ ପାରସ୍ପାରିକ ବୁଝାମଣା ଦ୍ୱାରା ହିଁ ସ୍ଥାୟୀ ଶାନ୍ତି ସ୍ଥାପିତ ହୋଇଥାଏ । ମୁଁ ବିଶେଷ ରୂପେ ହୁଜୁର ଅନ୍‌ୱର୍ ଅ.ବଙ୍କ ଚର୍ଚ୍ଚା କରିବାକୁ ଚାହେଁ ଯାହାଙ୍କର ଶାନ୍ତି, ନ୍ୟାୟ ଏବଂ ପାରସ୍ପାରିକ ସମ୍ମାନର ସ୍ଥାୟୀ ବାର୍ତ୍ତା ଏହି ସଂପ୍ରଦାୟ ଅପେକ୍ଷା ସାରା ବିଶ୍ୱରେ ପ୍ରଭାବଶାଳୀ ହୋଇଛି ।

### Sir Ed Davey MP Hon. Rt.

ମହୋଦୟ କହିଲେ, ମୋ ନିମନ୍ତେ ଏହା ବହୁତ ବଡ଼ ସମ୍ମାନ ଅଟେ ଯେ, ମୋତେ ଆଉ ଏକ ପିସ୍ ସିମ୍ପୋଜିୟମ୍ (ଶାନ୍ତି ସମ୍ମିଳନୀରେ) ଆମନ୍ତ୍ରିତ କରାଯାଇଛି । ମୁଁ ସମସ୍ତ ଅତିଥିମାନଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ନିଜ ଦେଶରେ ଅନ୍ୟ କୌଣସି ଜମାଅତ୍‌କୁ ଏପରି ଜାଣି ନାହିଁ ଯେପରି ଜମାଅତ୍ ଅହମଦିୟାକୁ ମୁଁ ଜାଣିଛି । ଜମାଅତ୍ ଅହମଦିୟା ଏପରି ନିରନ୍ତରତାର ସହିତ ଶାନ୍ତି ପାଇଁ ସ୍ୱର ଉତ୍ତୋଳନ କରୁଛି ଓ କେବଳ ସମଗ୍ର ଧର୍ମକୁ ନୁହେଁ ବରଂ ଅସଂଖ୍ୟ ଧର୍ମର ସଦସ୍ୟବୃନ୍ଦଙ୍କୁ ମଧ୍ୟ ଏକ ସ୍ଥାନରେ ଏକତ୍ରିତ କରିଥାଏ । କାରଣ ଏହା ଦ୍ୱାରା ପାରସ୍ପାରିକ ବାର୍ତ୍ତାଳାପ ହୋଇପାରିବ ଯାହା ଆମମାନଙ୍କ ନିମନ୍ତେ ମଧ୍ୟ ଓ ଅନ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବି ଶାନ୍ତି ସ୍ଥାପନ ନିମନ୍ତେ ଅତ୍ୟନ୍ତ ଜରୁରୀ ଓ ଉପାଦେୟ ଅଟେ । ହୁଜୁର ଅନ୍‌ୱର୍ ଜଣେ ଆନ୍ତର୍ଜାତିକ ଧର୍ମଗୁରୁ ରୂପେ ଏପରି ବ୍ୟକ୍ତିତ୍ୱ ଅଟନ୍ତି ଯିଏ ସର୍ବାଧିକ ରୂପେ ଶାନ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱାରେପ କରିଥାଆନ୍ତି ।

### Seema Malhotra
### MP for Feltham and Heston

ମହୋଦୟା କହିଲେ, ବିବାଦକୁ ରୋକିବା ନିମନ୍ତେ ଏବଂ ଅଧିକ ସୁଖମୟ ଓ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ନିମନ୍ତେ ଆମେମାନେ ଦେଖୁ ଯେ, ସାମାଜିକ ସଂଗଠନ, ଧାର୍ମିକ ଗୋଷ୍ଠୀ ଏବଂ ସହରୀ ଧର୍ମଗୁରୁମାନେ ସମସ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଆନ୍ତି । କାରଣ ଲୋକମାନଙ୍କ ମଧ୍ୟରେ ଏବଂ ଭାଇ ବନ୍ଧୁ କୁଟୁମ୍ବମାନଙ୍କ ମଧ୍ୟରେ ପାରସ୍ପାରିକ ବୁଝାମଣାକୁ ପ୍ରୋତ୍ସାହିତ କରାଯାଇପାରିବ । ସେଇଥି ପାଇଁ ମୁଁ ଜମାଅତ୍ ଅହମଦିୟାର ସେବା ଏବଂ ତତ୍‌ସଂକ୍ରାନ୍ତୀୟ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ନେତୃତ୍ୱକୁ ପ୍ରଶଂସା କରୁଛି । ଏହାକୁ ମୁଁ ବିଗତ ବର୍ଷମାନଙ୍କ ମଧ୍ୟରେ ଅତି ନିକଟରୁ ଦେଖିଛି । ଶାନ୍ତି, ନ୍ୟାୟ, ମାନବିକ ମର୍ଯ୍ୟାଦା ଏବଂ ମୂଲ୍ୟବୋଧ ସକାଶେ ଆପଣ ଅ.ବଙ୍କ ନିରନ୍ତର ସ୍ୱର ଉତ୍ତୋଳନ କରିବା ସଂସାର ବ୍ୟାପୀ ଲୋକମାନଙ୍କ ହୃଦୟରେ ଗୁଞ୍ଜରିତ (ପ୍ରତିଧ୍ୱନିତ) ହୋଇଥାଏ । ଆମେ ୟୁକ୍ରେନ୍ ଏବଂ ଗାଜା ଠାରେ ଯୁଦ୍ଧର ଭୟଙ୍କର ସ୍ଥିତି ଦେଖିଛୁ । ଆମେ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ସଂଘର୍ଷକୁ ଦେଖୁଛି ଓ ବର୍ତ୍ତମାନ ଇରାନ୍ ଯୁଦ୍ଧକୁ ମଧ୍ୟ ଦେଖିଛୁ । ଆମେ ନା ତ' ଏହି **(ଅବଶିଷ୍ଟାଂଶ.....ପୃ-11ରେ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ପୃ-10ରେ ବର୍ଣ୍ଣିତ ଶାନ୍ତି ସମ୍ମିଳନୀର ଅବଶିଷ୍ଟାଂଶ...

ଅନୁମତି ପ୍ରଦାନ କରିପାରିବୁ ଓ ନା ହିଁ ଆମେମାନେ ଦେବାକୁ ଚାହିଁବୁ ଯେ, ଯୁଦ୍ଧ କେବଳ ଆମମାନଙ୍କର ଆଗାମୀ ବଂଶଧରମାନଙ୍କର ପରିଚୟ ହୋଇଯିବ ତାହା ନୁହେଁ ବରଂ ଏହାର ବିପରୀତରେ ଶାନ୍ତି ଆମମାନଙ୍କର ସମ୍ପତ୍ତି ହେବା ଉଚିତ୍ । ଆଜିର ଏହି ସମ୍ମିଳନୀରେ ଆମନ୍ତ୍ରିତ କରିବା, ସେହିପରି ମାନବ ସେବା, ସ୍ଥାୟୀ ଶାନ୍ତି ସ୍ଥାପନ ନିମନ୍ତେ ଆପଣଙ୍କ ସକଳ ଉଦ୍ୟମକୁ ମୁଁ ପୁଣିଥିରେ କୃତଜ୍ଞତା ଜ୍ଞାପନ କରୁଛି । ଆଜି ଏହି ଶାନ୍ତି ସମ୍ମିଳନୀରେ ଆପଣଙ୍କ ସହିତ ସାମିଲ୍ ହେବା ମୋର ବଡ଼ ସୌଭାଗ୍ୟ ଅଟେ । ଏଥି ନିମନ୍ତେ ମୁଁ ଆପଣଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛି ।

### ପିସ୍ ସମ୍ପୋଜିୟମ୍ ଏବଂ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନର କେତେକ ସମ୍ମାନିତ ଅତିଥିମାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିକ୍ରିୟା

ନିମ୍ନରେ ପିସ୍ ସିମ୍ପୋଜିୟମ ସଂପର୍କରେ ଆୟୋଜକ ଏବଂ କେତେକ ଅତିଥିମାନଙ୍କର ପ୍ରତିକ୍ରିୟା ଓ ମତାମତ ଉଲ୍ଲେଖ କରାଗଲା:

☆.....ୟୁ.କେର ଅମୀର୍ ସାହେବ ଶ୍ରୀଯୁକ୍ତ ରଫିକ୍ ହୟାତ୍ ସାହେବ ପ୍ରତିନିଧି ହିସାବରେ ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନଲ୍‌କୁ ସମ୍ମିଳନୀ ପରେ ଇଣ୍ଟରଭ୍ୟୁ ପ୍ରଦାନ କରି ବର୍ଣ୍ଣନା କଲେ ଯେ, ସଂସାରରେ ବର୍ତ୍ତମାନ ନାନା ଭୂଖଣ୍ଡରେ ଯୁଦ୍ଧ, ହତ୍ୟା ବିଭିଷୀକା ଜାରି ରହିଛି, ଯଦ୍ୱାରାକି ଲୋକମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗାଜା, ଲେବ୍‌ନାନ୍, ସୁଡ଼ାନ ଏବଂ ଆଫ୍‌ଗାନିସ୍ତାନ ଭଳି ଅଞ୍ଚଳରେ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଛି । ବିଗତ ଅନେକ ବର୍ଷର ଉଦ୍ୟମ ସତ୍ତ୍ୱେ ଯୁଦ୍ଧର କୌଣସି ପ୍ରକୃତ ତଥା ଆଶାନୁରୂପ ଲାଭ ତ' ହେଲା ନାହିଁ । ବରଂ କେବଳ କ୍ଷତି ଏବଂ ବିନାଶର ହିଁ କାରଣ ସାଜିଛି । ଅମୀର୍ ସାହେବ କହିଲେ, "ଧର୍ମଗୁରୁ, ନେତାମାନେ ଯଦି ନିଜର ଅହଂଭାବକୁ ପରିତ୍ୟାଗ କରି ଦିଅନ୍ତି ଏବଂ ହ. ଖଲିଫତୁଲ୍ ମସିହ୍ ଅ.ବଙ୍କର ମାର୍ଗଦର୍ଶନ, ଶାନ୍ତି ଓ ମାନବତାର ବାର୍ତ୍ତା ଉପରେ ବିଚାର କରନ୍ତି ତେବେ ସଂସାରରେ ଭଲ ଭାବରେ ଶାନ୍ତି ସ୍ଥାପନ ହୋଇପାରିବ । ଆପଣ କହିଲେ, କେତେକ ଆନ୍ତର୍ଜାତିକ ମାର୍ଗଦର୍ଶକମାନେ କେବଳ ଯୁଦ୍ଧ ନିମନ୍ତେ ଆର୍ଥିକ, ରାଜନୈତିକ ସାହାଯ୍ୟର କଥା କହିଥାଆନ୍ତି । ଅପରପକ୍ଷେ ପ୍ରକୃତ ଆବଶ୍ୟକତା ଏହା ରହିଛି ଯେ, ଯୁଦ୍ଧକୁ ସମାପ୍ତ କରି ନିୟମିତ ତଥା ସ୍ଥାୟୀ ଶାନ୍ତି ଆଡ଼କୁ ବ୍ୟବହାରିକ ପଦକ୍ଷେପ ଗ୍ରହଣ କରାଯାଉ ।"

ଅମୀର୍ ସାହେବ ପିସ୍ ସିମ୍ପୋଜିୟମ୍ ପ୍ରଣୟନ ହେବା ସଂପର୍କରେ କହିଲେ, ଆଜି ସାମାଜିକ ଗଣମାଧ୍ୟମର ଯୁଗ ଅଟେ । ସାମାଜିକ ଗଣମାଧ୍ୟମରେ କୋଟି କୋଟି ଲୋକମାନଙ୍କ ପର୍ଯ୍ୟନ୍ତ ସନ୍ଦେଶ ପହଞ୍ଚି ଯାଇଥାଏ । ଅମୀର୍ ସାହେବଙ୍କ ୟୁ.କେର ପିସ୍ ସିମ୍ପୋଜିୟମରେ ଖିଲାଫତ୍‌ର ଉପସ୍ଥିତି ଏବଂ ବ୍ୟକ୍ତିଗତ ସଂପର୍କରେ କହିବାର ଥିଲା ଯେ, ଏହି କାରଣରୁ ଏହାର ଅନେକ ମହତ୍ତ୍ୱ ରହିଛି । ଅନେକ ଦେଶରୁ ଅତିଥିମାନେ ଆସିଛନ୍ତି, ମନ୍ତ୍ରୀମାନେ ମଧ୍ୟ ଆସିଛନ୍ତି । ଏମାନେ ସମସ୍ତ ଭଲ ବାର୍ତ୍ତା ନେଇ ଏଠାରୁ ଘରକୁ ଫେରିବେ । ବଡ଼ ବଡ଼ ରାଷ୍ଟ୍ରମାନଙ୍କୁ ନିଜର ଉତ୍ତମ ଉଦାହରଣ ପ୍ରଦର୍ଶନ କରିବାକୁ ପଡ଼ିବ । କାରଣ ଯେତେବେଳେ ବଡ଼ ବଡ଼ ଦେଶ ନିଜର ନେତୃତ୍ୱ ପ୍ରଦର୍ଶନ କରିବେ ନାହିଁ, ଶାନ୍ତି ଆଡ଼କୁ ଅଗ୍ରସର ହେବେ ନାହିଁ ସେତେବେଳେ ଛୋଟ ଛୋଟ ଦେଶମାନେ ମଧ୍ୟ ସେମାନଙ୍କ ଅଶାନ୍ତି ପଛରେ ଚାଲିବାକୁ ଲାଗନ୍ତି । ଜମାଅତ୍ ଅହମଦିୟା ୟୁ.କେର ଉମୁରେ ଖାର୍ଜାର ସେକ୍ରେଟାରୀ ଶ୍ରୀଯୁକ୍ତ ଫରିଦ୍ ଅହମଦ ସାହେବ ଶାନ୍ତି ସମ୍ମିଳନୀର ବିଗତ 20 ବର୍ଷର ଉନ୍ନତି ଏବଂ ପ୍ରତିକ୍ରିୟା ସଂପର୍କରେ କହିଲେ ଯେ, ଏହି ସମ୍ମିଳନୀ କେବଳ ସଂଖ୍ୟାତ୍ମକ ଦୃଷ୍ଟିରେ ବୃଦ୍ଧି ପାଇ ନାହିଁ ବରଂ ଏହାର ବାର୍ତ୍ତା ଏବଂ ପ୍ରଭାବ ମଧ୍ୟ ଅଭିବୃଦ୍ଧି ଘଟିଛି ।  ଏହି ସମ୍ମିଳନୀରେ ଯେଉଁଠି ନାନା ଦେଶର ଲୋକମାନେ ଅଂଶ ଗ୍ରହଣ କରିଥାଆନ୍ତି, ସେଠାରେ ସେମାନେ ହ. ଖଲିଫତୁଲ୍ ମସିହ୍ ଅ.ବଙ୍କ ଶାନ୍ତି, ମାନବତା ଏହଂ ସହାନୁଭୂତି ଉପରେ ଆଧାରିତ ସନ୍ଦେଶ ଦ୍ୱାରା ମାର୍ଗଦର୍ଶନ ପ୍ରାପ୍ତ ମଧ୍ୟ କରିଥାଆନ୍ତି । ସେ କହିଲେ, ଏମ୍.ଟି.ଏ ମାଧ୍ୟମରେ ଏହି ବାର୍ତ୍ତା ସମଗ୍ର ବିଶ୍ୱରେ ପହଞ୍ଚୁଅଛି ଏବଂ ଏହି ସମ୍ମିଳନୀ ଆନ୍ତର୍ଜାତିକ ସ୍ତରରେ ଶାନ୍ତିର ପ୍ରୋତ୍ସାହନ ସକାଶେ ଏକ ବଳିଷ୍ଠ ମାଧ୍ୟମ ପାଲଟି ଯାଇଛି । ସେ କହିଲେ, ଆଜିର ଏହି ଯୁଗରେ ବିବାଦ, କଳହ ଅଧିକ ଭାବରେ ଉନ୍ମୁକ୍ତ ହୋଇ ଆମ ସମ୍ମୁଖକୁ ଆସୁଅଛି । ତେଣୁ ହ. ଖଲିଫତୁଲ୍ ମସିହ୍ ବର୍ତ୍ତମାନ ଏବେଠାରୁ ଅଧିକ ସ୍ୱଷ୍ଟ ଏବଂ ସିଧା ସଳଖ ଢଙ୍ଗରେ ଶାନ୍ତି ଏବଂ ମାନବତାର ସପକ୍ଷରେ ସ୍ୱରୋତ୍ତୋଳନ କରୁଛନ୍ତି ।

☆.....କ୍ଲିୟର୍ ଡେସ୍‌ମଣ୍ଡ, Christian Solidarity Worldwide: ଉକ୍ତ ସମ୍ମିଳନୀ ନାନା ପୃଷ୍ଠଭୂମି ପୋଷଣ କରୁଥିବା ଲୋକମାନଙ୍କୁ ଏକ ସମ୍ମିଳିତ ଅଭିପ୍ରାୟ ସକାଶେ ଏକତ୍ରିତ କରିବାର ଏକ ସର୍ବୋତ୍ତମ ଅବସର ରୂପେ ସାବ୍ୟସ୍ତ ହୋଇଛି । ଏହି ସମ୍ମିଳନୀରେ ନାନା ଚିନ୍ତାଧାରା ଶୁଣିବା, ବିଶେଷ କରି ହୁଜୁର୍ ଅନ୍‌ୱର୍ ଅ.ବଙ୍କ କଥୋପକଥନ (ଉଦ୍‌ବୋଧନ)ରୁ ମାର୍ଗଦର୍ଶନ ପ୍ରାପ୍ତ ହୋଇଛି । ଉକ୍ତ ସମ୍ମିଳନୀରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଏହା ମିଳିଲା ଯେ, ଶାନ୍ତି ନିମନ୍ତେ କେବଳ ଆନ୍ତର୍ଜାତିକ ମାର୍ଗଦର୍ଶନ ଉପରେ ନିର୍ଭର କରାଯାଇପାରିବ ନାହିଁ । ବରଂ ପ୍ରତ୍ୟେକ ସଦସ୍ୟକୁ ନିଜର ସାମାଜିକ ପରିବେଶ ଏବଂ ନିଜର ପ୍ରଭାବମୂଳକ ପରିଧି ମଧ୍ୟରେ ସକାରାତ୍ମକ ଭୂମିକା ନିର୍ବାହ କରିବାକୁ ହେବ । ଆଜିର ଘଡ଼ିସନ୍ଧି ମୁହୂର୍ତ୍ତରେ ଏପରି ସମ୍ମିଳନୀ ଏକ ଆଶା, ଉତ୍ସାହ ଏବଂ ଏକତା ସୃଷ୍ଟି କରିଥାଏ ଏତଥା  ଲୋକମାନଙ୍କ ସହିତ ସାକ୍ଷାତ୍ ଓ କଥୋପକଥନ ହେବା ପ୍ରଭାବିତ ଓ ଉତ୍ସାହିତ କରିଥାଏ । ଅତଏବ୍ ଆପଣମାନେ ଚଷ୍ଟା ଜାରି ରଖନ୍ତୁ କାରଣ ଏହା ହିଁ ଶାନ୍ତି ଆଣିଥାଏ ।

Linda Stephens ନାମକ ଜଣେ ମହିଳା ଯେକି "Women's Wellbeing"ନାମକ ଏକ ସଂସ୍ଥା ଚଳାନ୍ତି ଏବଂ ବିଶେଷ ରୂପେ ମହିଳାମାନଙ୍କର ସ୍ୱାସ୍ଥ୍ୟାବସ୍ଥା, ପ୍ରିଭ୍ୟୁ ପୋଷ୍ଟ ମିନୁପଜ୍ ଏବଂ ମା ହେବା ପୂର୍ବରୁ ଓ ମା ହେବା ପରବର୍ତ୍ତୀ ଅବସ୍ଥାରେ (ସମୟର) ଦେଖାଶୁଣା ଉପରେ କାମ କରନ୍ତି । ସେ କହିଲେ, ତାଙ୍କୁ ଏଠାକୁ Vaughan James Pharmacy ସହିତ ସଂଶ୍ଳୀଷ୍ଟ ବୃଶ୍ରା ସାହେବା ଆଣିଛନ୍ତି ଏବଂ ସେ ପୂର୍ବେ ମଧ୍ୟ ଏହି ସମ୍ମିଳନୀରେ ଆସି ସାରିଛନ୍ତି । ତାଙ୍କ କହିବା ଅନୁଯାୟୀ ଏଥରର ଅନୁଭୂତି ବହୁତ ଖାସ୍ ଥିଲା । କାରଣ ସେ ହ. ଖଲିଫତୁଲ୍ ମସିହ୍‌ଙ୍କ କଥୋପକଥନ, ପରିବେଶରେ ବିଦ୍ୟମାନ ଥିବା ଶାନ୍ତି, ପ୍ରେମ ଓ ପାରସ୍ପାରିକ ସଂପର୍କରେ ଅନୁଭୂତିକୁ ଅତ୍ୟନ୍ତ ଗଭୀରତାର ସହିତ ଅନୁଭବ କରିଛନ୍ତି । ସେ କହିଲେ, ସଂସାର ବର୍ତ୍ତମାନ ସମ୍ଭାବ୍ୟ ବିଶ୍ୱଯୁଦ୍ଧର ଆଶଙ୍କା ଦ୍ୱାରା ସମ୍ମୁଖନୀ ହେଉଛି । ତେଣୁ ମାନବତା, ଏକତା, ଶାନ୍ତିର ବାର୍ତ୍ତା ଦେବା ଅତ୍ୟନ୍ତ ଜରୁରୀ ଅଟେ । ସେ ଜମାଅତ୍ ଅହମଦିୟାକୁ ପ୍ରଶଂସା କରି କହିଲେ, ଏଠାରେ ପ୍ରତ୍ୟେକ ବ୍ୟକ୍ତି ପ୍ରେମ, ବଂଶ ପରମ୍ପରାକୁ ଭୁଲି ବିଭିନ୍ନ ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶ କରିବା ଓ ଆନ୍ତର୍ଜାତିକ ଭ୍ରାତୃତ୍ୱତାର ବ୍ୟବହାରିକ ଉଦାହରଣ ଦୃଶ୍ୟମାନ ହେଉଛି । ସେ ସ୍ୱୟଂ ଉକ୍ତ ସମ୍ମିଳନୀରେ ଯୋଗ ଦେଇ ନିଜକୁ ସୌଭାଗ୍ୟଶାଳୀ ଏବଂ କଲ୍ୟାଣମୟ ବୋଲି ଅନୁଭବ କରୁଛନ୍ତି ।

ହ୍ୱାଇଟ ହିଲ୍ ଆଣ୍ଡ ବୋର୍ଡ଼ନ୍ ଓ Alex Pageର କାଉନ୍‌ସେଲର Catherine Clark ନାମକ ଜଣେ ସାମାଜିକ ଏବଂ ସାଧାରଣ ଆହ୍ୱାନ ଚଳାଉଥିବା କର୍ମୀ ଅଟନ୍ତି। ସେ ଉକ୍ତ ସମ୍ମିଳନୀର ମହତ୍ତ୍ୱ ସଂପର୍କରେ ମତ ପ୍ରଦାନ କରି କହିଲେ, ଇସ୍‌ଲାମାବାଦ୍ ଠାରେ ଆୟୋଜିତ ହୋଇଥିବା ଏପରି ଅନୁଷ୍ଠାନ ତଥା ସମ୍ମିଳନୀ, ସ୍ଥାନୀୟ ଏବଂ ଆନ୍ତର୍ଜାତିକ କମ୍ୟୁନିଟିକୁ ନିକଟବର୍ତ୍ତୀ ଆଣିବା, ପ୍ରେମ ଓ ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ନାନା ପୃଷ୍ଠଭୂମି ସହିତ ଜଡ଼ିତ ଥିବା ଲୋକମାନେ ଏକାଠି ବସି କଥାବାର୍ତ୍ତା କରିବା, କୁଧାରଣାକୁ ସମାପ୍ତ କରିଥାଏ ଏବଂ ପରସ୍ପରର ଶକ୍ତି ଓ ଦୁର୍ବଳତାକୁ ବୁଝିବା ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ । ସେ ଉକ୍ତ କଥା ଉପରେ ଜୋର ଦେଲେ ଯେ, ଆନ୍ତର୍ଜାତିକ ସ୍ତରରେ ଶାନ୍ତି ନିମନ୍ତେ କଥୋପକଥନ ଏବଂ ସଂପର୍କ ଜରୁରୀ ଅଟେ । କାରଣ ଲୋକମାନେ ଯେତେ ପରସ୍ପରକୁ ବୁଝିବେ ସେତେ ବିବାଦ ଓ କଳହ ହ୍ରାସ ପାଇବ । ଉଭୟ ଅତିଥି ହ. ଖଲିଫତୁଲ୍ ମସିହ୍‌ଙ୍କ ଭାଷଣକୁ ସମ୍ମିଳନୀର ସବୁଠାରୁ ପ୍ରଭାବଶାଳୀ ଅଂଶ ରୂପେ ଦର୍ଶାଇଛନ୍ତି । ଅପରପକ୍ଷେ କାଉନ୍‌ସେଲର କ୍ୟାଥିରିନ କ୍ଲାର୍କ କହିଲେ, ତାଙ୍କୁ ବ୍ୟକ୍ତିଗତ ରୂପେ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ସହିତ ସାକ୍ଷାତ୍ କରିବାର ସୋଭାଗ୍ୟ ଅର୍ଜନ ମଧ୍ୟ ହୋଇଛି । ଏହା ତାଙ୍କର ଚିର ସ୍ମରଣୀୟ ଅଭିଜ୍ଞତା ଓ ସ୍ମୃତି ବୋଲି ବିବେଚିତ କଲେ ।

Jill Bairstow (ଜିଲ୍ ବେୟାରଷ୍ଟୋ) ଚର୍ଚ୍ଚ ଅଫ ଯିସସ୍ କ୍ରାଇଷ୍ଟ ଅଫ୍ ଲେଟର୍ ଡେ ସେଣ୍ଟସ୍, କନ୍‌ୱେଜାଣ୍ଟର ଫେଥ୍ ମିଲ୍‌ଟନ୍  କନ୍ୟାନଜ୍ କହିଲେ,: ହୁଜୁର ଅନ୍‌ୱରଙ୍କ ଉଦ୍‌ବୋଧନ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ଉକ୍ତ କଥାଟି ସ୍ୱଷ୍ଟ ଥିଲା ଯେ, ଆପଣ ବିଶ୍ୱର ନାନା ଭୂଖଣ୍ଡର ପରିସ୍ଥିତି ସହିତ ଅବଗତ ଅଟନ୍ତି ଏବଂ ଆପଣଙ୍କର ଦୃଷ୍ଟିକୋଣ ଅତ୍ୟନ୍ତ ବ୍ୟାପକ ଅଟେ । ଜଣେ ଧାର୍ମିକ ମାର୍ଗଦର୍ଶକଙ୍କ ତୁଣ୍ଡରୁ ଯୁଦ୍ଧ, କଳହ ଏବଂ ଶାନ୍ତିର ମହତ୍ତ୍ୱ ଉପରେ ଏତେ ଦାମ୍ଭିକତା ତଥା ସାହସିକତା, ଦୁଃଖର ସହିତ କଥା ଶୁଣିବା ଅତ୍ୟନ୍ତ ସୁଖଦାୟକ ଥିଲା । ବାସ୍ତବରେ ଏହା ପ୍ରାଣପୋଷକ ଏବଂ ପ୍ରାଣରକ୍ଷାକାରୀ ସମ୍ମିଳନୀ ଥିଲା । Sarah Day (ସାରାହ୍ ଡେ) -Mayoress of Newport Pagnell: ଉଦ୍‌ବୋଧନ ସମୟରେ ମୁଁ ଅହରହ ମୁଣ୍ଡ ହଲାଉ ଥିଲି । କାରଣ ମୁଁ ପ୍ରତ୍ୟେକ କଥା ସହିତ ଏକମତ ଥିଲି । କିଛି ବର୍ଷ ପୂର୍ବେ ମୋତେ ହୁଜୁର୍ ଅନ୍‌ୱର୍‌ଙ୍କ ଉଦ୍‌ବୋଧନ ମନେପଡ଼ିଲା । ଆପଣ ଉକ୍ତ କଥା ଅନେକ କାଳ ଧରି କହି ଆସୁଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବଙ୍କ ମର୍ଯ୍ୟାଦା ଏହିକି ଯେ, ଆପଣ ଏହା କହିଲେ ନାହିଁ ଯେ, ମୁଁ ପୂର୍ବେ ଖବରଦାର୍ କରାଇଥିଲି । କିନ୍ତୁ ସତ୍ୟତା ଏହିକି ଯେ, ଆପଣ ଅ.ବ ପ୍ରକୃତରେ ସତର୍କ କରାଇଥିଲେ ଓ ଆଜି ପୁଣି ସତର୍କ କରାଇଛନ୍ତି । ଆପଣ  ଯାହା କିଛି କହିଲେ, ତାହା ସବୁ ଆଖି ଆଗରେ ଘଟୁଛି କିମ୍ବା ଘଟିବ । ଏକଥା (ଯୁଦ୍ଧ କଥା) ଭାବି ମଧ୍ୟ ଭୟ ଲାଗୁଛି । କିନ୍ତୁ ଉଦ୍‌ବୋଧନଟି ଅତ୍ୟନ୍ତ ପ୍ରଭାବଶାଳୀ ଓ ମର୍ମସ୍ପର୍ଶୀ ଥିଲା ।

ବଦର୍‌ର ସମ୍ପାଦକମଣ୍ଡଳୀ ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଏବଂ ଜମାଅତ୍ ଅହମଦିୟା ବ୍ରିଟେନ୍‌ର ସେବାରେ ସଫଳ ପିସ୍ ସିମ୍ପୋଜିୟମ୍ ଆୟୋଜନ୍ କରିଥିବା ହେତୁ କୃତଜ୍ଞତା ଜ୍ଞାପନ କରୁଛି । ସେହିପରି ଏହି ଦୁଆ ମଧ୍ୟ କରୁଛି ଯେ, ଅଲ୍ଲାଃତାଲା ହୁଜୁର୍ ଅନ୍‌ୱର୍ ଅ.ବଙ୍କ କଲ୍ୟାଣମୟ ଏବଂ ଶାନ୍ତିପୂର୍ଣ୍ଣ ସ୍ୱର ପ୍ରତି କର୍ଣ୍ଣପାତ କରିବା ନିମନ୍ତେ ନେତା, ଧର୍ମଗୁରୁମାନଙ୍କୁ **(ଅବଶିଷ୍ଟାଂଶ....ପୃ-12ରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ"  ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday-18 June 2026 Issue No. 25

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ଦୟାକରି ଅହେମଦି ଛାତ୍ରମାନେ ଧାନ ଦିଅନ୍ତୁ ଯେ, କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଶିକ୍ଷାନୁଷ୍ଠାନ ଠାରେ ଶିକ୍ଷାବର୍ଷ: 2026-2027 ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ! (Ahmadiyya vocational training centre)

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷ ପାଇଁ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ୍ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି ।

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ତେବେ ସେମାନେ ଆଡ୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ ବ୍ୟବସ୍ଥା ରହିଛି । ନୂତନ ସେଶନ୍ (ଶିକ୍ଷାବର୍ଷ) 2026-27 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ ଅଗଷ୍ଟ ମାସ 1 ତାରିଖ 2026 ଠାରୁ ଆରମ୍ଭ ହୋଇଯିବ । ଅଧିକ ବିବରଣୀ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗାଯୋଗ କରନ୍ତୁ-

**darulsanaat.qadian@gmail.com,**
**9872725895, 8604024043**
**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

☆--☆--☆

## ପୃ-01 ରେ ବର୍ଣ୍ଣିତ ତଫସିର୍ ମସିହ୍ ମଉଦର ଅବଶିଷ୍ଟାଂଶ...

ହୋଇଥାଏ ତାହା ଧର୍ମପରାୟଣ ଅନୁଯାୟୀ ପ୍ରାପ୍ତ ହୋଇଥାଏ । ଏହି ଜାତିବାଦ ଏବଂ ସଂପ୍ରଦାୟ ସଂସାରରେ ପରିଚୟ ନିମନ୍ତେ ଏକ ବ୍ୟବସ୍ଥା ଅଟେ । ଅଲ୍ଲାଃତାଲାଙ୍କ ସହିତ ଏଗୁଡ଼ିକର କୌଣସି ସଂପର୍କ ନାହିଁ । ଅଲ୍ଲାଃତାଲାଙ୍କ ପ୍ରେମ ଧର୍ମପରାୟଣତା ଦ୍ୱାରା ସୃଷ୍ଟି ହୋଇଥାଏ ଏବଂ ଧର୍ମପରାୟଣତା ହିଁ ସର୍ବୋଚ୍ଚ ସ୍ତର ପ୍ରାପ୍ତ କରିବା ନିମନ୍ତେ କାରଣ ସାଜିଥାଏ ।" **(ଅଲ ହକମ୍, ଗ୍ରନ୍ଥଖଣ୍ଡ-6, ସଂଖ୍ୟା-37, ତା-1902 ମସିହା ଅକ୍ଟୋବର ମାସ 17 ତାରିଖ, ପୃ-7)** ☆☆☆

## ପୃ-01 ରେ ବର୍ଣ୍ଣିତ ତଫସିର୍ ମୁସଲେହ୍ ମଉଦ ର.ଅ ର ଅବଶିଷ୍ଟାଂଶ...

ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ବାହାରେ ଯିବାର କ'ଣ ବା ଆବଶ୍ୟକତା ରହିଛି ? ଆମ ମସ୍‌ଜିଦରେ ହିଁ ଆପଣମାନେ ନମାଜ୍ ପାଠ କରି ନିଅନ୍ତୁ । ଆମ ମସଜିଦ୍ ମଧ ଈଶ୍ୱର ଚର୍ଚ୍ଚା ନିମିନ୍ତେ ହିଁ ନିର୍ମିତ ହୋଇଛି ।" **(ଦିବାଚା ତଫସିରୁଲ୍ କୁରଆନ୍, ପୃ-404)** ☆☆☆

## ପୃ-10ରେ ବର୍ଣ୍ଣିତ ଶାନ୍ତି ସମ୍ମିଳନୀର ଅବଶିଷ୍ଟାଂଶ...

ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ସଂସାରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ଦୋଳି ପାଲଟି ଯାଉ। **(କୃତଜ୍ଞତାର ସହିତ ଅଲ୍ ଫଜଲ୍ ଇଣ୍ଟର୍‌ନ୍ୟାସ୍‌ନଲ୍, 2026 ମସିହା ମେ ମାସ 23 ତାରିଖ )**

☆☆☆

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେଉଛି ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

**(1)** ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ଥ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । **(2)** ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସ୍‌ଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । **(3)** ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । **(4)** ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢା ସହିତ 6 ମାସ ଟ୍ରେନିଂ ମଧ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢା ସହିତ 6 ମାସ ଟ୍ରେନିଂ ମଧ ଅନ୍ତର୍ଭୁକ୍ତ ରହିଛି । **(5)** ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

**WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988991775**

**(ସଦର୍ ନ୍ୟାସ୍‌ନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)**☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan